## ସଂକ୍ଷେପରେ

### ସିପିଆଇ ନେତାଙ୍କ ବିୟୋଗ



ଯାଜପୁରରୋଡ୍,୫।୧୦(ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗର ପୌରାଞ୍ଚଳର ସିପିଆଇ ନେତା ତଥା କାଉନସିଲର ପାର୍ଥସାରଥି ନାୟକଙ୍କ ପିତା ନିମେଇଁ ନାୟକଙ୍କ କୋପଣ୍ଡସ୍ଥିତ ବାସଭନରେ ଶନିବାର ବିୟୋଗ ହୋଇଛି। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତଥିଲେ। ଏହି ଖବର ପ୍ରଚାରିତ ହେବା ପରେ ସହରରେ ଶୋକର ଛାୟାଖେଳିଯାଇଛି। କୋରେଇ ବିଧାୟକ ଆକାଶ ଦାସନାୟକ, ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ, ବିଜେଡି ନେତା ଭବପ୍ରସାଦ ଦାସ, ଶ୍ରମିକନେତା ବିଦ୍ୟାଧର ମହାନ୍ତି, ସିପିଆଇ ନେତା ଆଲୋକ ମହାନ୍ତି, ପୌରାଧକ୍ଷା ସଙ୍ଗୀତା ପିଙ୍ଗୁଆ, ଉପାଧ୍କ୍ଷ ସୁବାସ ଚନ୍ଦ୍ର ବଳ, ପୂର୍ବତନ ଅଧ୍କ୍ଷା ସବିତା ରାଉତ, ବିଜେଡି ନେତା ଗୋବିନ୍ଦ ଜେନା, ରବୀନ୍ଦ୍ର ରାଉତ, ପୌର ପରିଷଦର ବହୁ କାଉନସିଲର ଓ କର୍ମଚାରୀ ନାୟକଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବଡ଼ପୁଅ ଅଭିମନ୍ୟୁ ମୁଖାଗ୍ନି ଦେଇଥିଲେ।

### ଯୁବବ୍ୟବସାୟୀଙ୍କ ଅକାଳ ବିୟୋଗ

ବାଲିଚନ୍ଦ୍ରପୁର,୫।୧୦(ଗିରିଜା ପ୍ରସାଦ ସାହୁ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ବଜାରର ଯୁବବ୍ୟବସାୟୀ କାଶିମୁଦ୍ଦିନ ଖାଁ(ଚାନନ୍)ଙ୍କ ଅକାଳବିୟୋଗ ହୋଇଛି। ତାଙ୍କୁ ୫୨ ବର୍ଷ ବୟସ ହୋଇଥିଲା। ଚାରିନଙ୍ଗଳ ପଞ୍ଚାୟତସ୍ଥିତ ଗହରନଗର ଗ୍ରାମର ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମିତ ଚାନନ୍ ଦୀର୍ଘଦିନ ଧରି ବ୍ୟବସାୟ କରୁଥିଲେ। ୧୫ ଦିନ ହେବ ଅସୁସ୍ଥ ହୋଇ ହୋଇ କଟକ ବଡ଼ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।



ମରଶରୀର କଟକରୁ ଆସି ଚାରିନଙ୍ଗଳ ବଜାରରେ ପହଞ୍ଚିବା ପରେ ଶୋକାକୂଳ ପରିବେଶରେ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ତାଙ୍କ ନିଜ ଗ୍ରାମ ଗହରନଗରକୁ ନିଆଯାଇଥିଲା। ଇସଲାମ ଧର୍ମ ରୀତିନୀତି ଅନୁଯାୟୀ କବର ଦିଆଯାଇଥିଲା। କଂଗ୍ରେସ ନେତା ଅଜୟ ସାମଲ, ଚାରିନଙ୍ଗଳ ସରପଞ୍ଚ ନୁରୁଜାନ୍ ବେଗମ୍, ନଳୀପୁର ସରପଞ୍ଚ ସେକ୍ ଅବଦୁଲ ଗନି, ସେକ୍ ଜ୍ୟାଉଲ୍ଲା, ପ୍ରାକ୍ତନ ସରପଞ୍ଚ ସେକ୍ ରିୟାସତ ଅଲ୍ଲି, ରସିକଦ୍ଦିନ୍ ଖାଁ, ଶିକ୍ଷାବିତ୍ ସେକ୍ ବଦରୁଦଦୋଜା, ସୁଲତାନ ସଇଫୁଲ୍ଲା ଖାଁ ପ୍ରମୁଖ ପହଞ୍ଚି ତାଙ୍କ ଶେଷଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ବଜାର ବନ୍ଦ ରହିଥିଲା।

# କାଏମା ପାଲାମଣ୍ଡପ ଉନ୍ନତୀକରଣ କାମ ବନ୍ଦ

## ଲୋକଙ୍କ ମଧରେ ବଢୁଛି ଅସନ୍ତୋଷ



କାଏମା,୫।୧୦(ଶିବପ୍ରସାଦ ମହାନ୍ତି): ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତର ପାଲାମଣ୍ଡପ ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହେବାର କିଛିଦିନ ପରେ ବନ୍ଦ ହୋଇଯାଇଛି। ବିନା ସୂଚନା ଫଳକରେ ଏବଂ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ କାମ କରାଯାଉଥିବା ଦେଖି ସ୍ଥାନୀୟ ଲୋକେ ବନ୍ଦ କରିଥିଲେ। ଏହାର ଗୋଟାଏ ଦିନ ପରେ ଜାରକା ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ହେଲେ ସେମାନେ ବୁଝି ନ ଥିଲେ। ପରେ ଲୋକେ ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କାମଦେବ ଦାସଙ୍କୁ ଜାରକାସ୍ଥିତ କାର୍ଯ୍ୟାଳୟରେ ଭେଟ କରି ଆଲୋଚନା କରିବା ପରେ ପୁନର୍ବାର କାମ ଆରମ୍ଭ ହୋଇଥିଲା। ହେଲେ ତାହା ପୁଣି ଅଧାରେ ଅଟକି ରହିଛି।

ସୂଚନା ମୁତାବକ, କାଏମା ବ୍ରିଜନିକଟରେ ଥିବା ପାଲାମଣ୍ଡପ ଅବହେଳିତ ଅବସ୍ଥାରେ ଥିବାରୁ ଏହାର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଐତିହ୍ୟ ପରମ୍ପରାକୁ ବଜାୟ ରଖିବାକୁ ସ୍ଥାନୀୟ ବାସିନ୍ଦା ବର୍ଷରେ ଥରେ ତିନିଦିନ ଧରି ପାଲା କାର୍ଯ୍ୟକ୍ରମ ଆୟୋଜନ କରିଥାନ୍ତି। ପାଲାଦେଖିବାକୁ ହଜାରହଜାର ସଂଖ୍ୟାରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥାଏ। କିନ୍ତୁ ଏହି ସ୍ଥାନଟି କେଲୁଅ ନଦୀ ବନ୍ଧ ପାର୍ଶ୍ୱରେ ଥିବାରୁ ବର୍ଷା ଦିନେ ନଦୀରେ ପାଣି ଆସିଲେ ମଣ୍ଡପ ବୁଡ଼ିଯିବା ସହ ଏହାର ସୌନ୍ଦର୍ଯ୍ୟ ନଷ୍ଟ ହୋଇଯାଇଥାଏ। ଏହାର ସୁରକ୍ଷା ନିମନ୍ତେ ଜଳସେଚନ ବିଭାଗ ପକ୍ଷରୁ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରାଯାଇଥିଲା। ବରୀ ଅଞ୍ଚଳର ଜଣେ ଠିକାଦାର ଏହି କାର୍ଯ୍ୟ ଆରମ୍ଭ କରିଥିଲେ। ପାଚେରି ନିର୍ମାଣ ହେବାର ଅଳ୍ପ ଦିନପରେ ତାହା ଏକ ପାର୍ଶ୍ୱକୁ ଢଳି ପଡ଼ିଥିଲା। ପାଚେରିରେ ନିମ୍ନମାନର ରଡ୍ ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଥିଲା। ପାଚେରି ସ୍ଥାନେସ୍ଥାନେ ମୋଟା ଓ ପତଳା ଥିବାରୁ ସ୍ଥାନୀୟ ଲୋକେ ଏହି କାମକୁ ବନ୍ଦ କରିଥିଲେ। ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ସୁବାସ ସାହୁ ପହଞ୍ଚି କାର୍ଯ୍ୟ ଠିକ ହୋଇ ନ ଥିବା ଜାଣିବାକୁ ପାଇଥିଲେ। କାମ ବନ୍ଦ ସମ୍ପର୍କରେ ଜାରକା ଜଳସେଚନ ବିଭାଗ ଏସ୍‌ଡିଓ ସବ୍ୟସାଚୀ ବିଶ୍ୱାଳଙ୍କୁ ପଚାରିବାରେ ସେ କହିଛନ୍ତି, ମଞ୍ଜୁର ହୋଇଥିବା ଅର୍ଥ ସିରିଯିବାରୁ ଠିକାଦାର କାର୍ଯ୍ୟ ବନ୍ଦ କରିଛନ୍ତି। ଏକଥାକୁ ଲୋକେ ଗ୍ରହଣ କରିପାରୁନାହାନ୍ତି। କାର୍ଯ୍ୟ ହେବା ପୂର୍ବରୁ କେତେ ଟଙ୍କା ଖର୍ଚ୍ଚ ହେବ ତା'ର ଆକଳନ କରାଯାଇଥିଲା କି ନାହିଁ ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଏଥିସହିତ ତୁରନ୍ତ ପୁନଃ ଅର୍ଥ ମଞ୍ଜୁର କରି କାମ ଆରମ୍ଭ କରିବାକୁ ଦାବି କରିଛନ୍ତି।

### କ'ଣ କୁହନ୍ତି ଏମାନେ...



"କାଏମା ଏକ ଐତିହ୍ୟ ପରମ୍ପରା ବହନ କରୁଥିବା ଅଞ୍ଚଳ। ତେଣୁ ପରମ୍ପରାକୁ ଉଜ୍ଜିବୀତ ରଖିବା ପାଇଁ ପାଲା ପରିବେଷଣ କରାଯାଉଛି। ପାଲା ମଣ୍ଡପର ଉନ୍ନତୀକରଣ ପାଇଁ ପ୍ରଶାସନ ଠିକ ଭାବେ କାର୍ଯ୍ୟ କରିବା ଆବଶ୍ୟକ।

-ସୁଧାକର ସାହୁ, ସ୍ଥାନୀୟ ବାସିନ୍ଦା



"କାଏମା ପାଲାମଣ୍ଡପ ଉନ୍ନତୀକରଣ ଦିଗରେ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଆଲୋଚନା କରିଛି। ସେ ଦେଇଥିବା ପ୍ରତିଶ୍ରୁତି ରଖିବେ ବୋଲି ଆଶା ଓ ବିଶ୍ୱାସ ରହିଛି। ଯଦି କାର୍ଯ୍ୟରେ ଅନିୟମିତତା ଦେଖାଯିବ ତେବେ ଏହା ଉପରେ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯିବ।

-ଶିଶିର ମାହାଣା, ସ୍ଥାନୀୟ ବାସିନ୍ଦା

# ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତା ଶୋଚନୀୟ

## ମରାମତି ହେଉନି, ଦୁର୍ଘଟଣାରେ ଧନଜୀବନ ହାନି ଘଟୁଛି

ଜେନାପୁର,୫।୧୦(ଅଶୋକ ଦାସ): ଧର୍ମଶାଳା ବ୍ଲକ୍ ବୃନ୍ଦାଦେଇପୁର ପଞ୍ଚାୟତ ଅଧୀନ ରଘୁନାଥପୁରଗ୍ରାମଠାରୁ ଜେନାପୁର ରେଲୱେ ଷ୍ଟେଶନକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ରାସ୍ତା କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ଅନେକସ୍ଥାନରେ ମେଟାଲ, ବାଲି ଚିପ୍ସ ଆଦି ଉଠିଯାଇ ଗର୍ତ୍ତ ସୃଷ୍ଟି ହୋଇଛି। ରାସ୍ତାରେ ଥିବା ୨ କଲଭର୍ଟ ଭାଙ୍ଗି ଦବିଯାଇଛି। ଏହି ରାସ୍ତାରେ ଯାତାୟାତ ପାଇଁ ରଘୁନାଥପୁର, ଶ୍ୟାମସୁନ୍ଦରପୁର, ମୁକୁନ୍ଦପୁର, ଡିହକଷ୍ଟି, ତରସା ଆଦି ଗ୍ରାମର ହାଜରହାଜର ଲୋକ ନିର୍ଭର କରନ୍ତି। ହେଲ ଉକ୍ତ ୨ କିଲୋମିଟର ରାସ୍ତା ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ମରାମତି କରା ନ ଯିବାରୁ ଲୋକେ ଯାତାୟାତ କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଡ଼ିମୋଟର ଚଳାଚଳ ବାଧାପ୍ରାପ୍ତ ହେଉଛି। ଅନେକ ସମୟରେ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ଘଟୁଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟିଦେଇ ତୁରନ୍ତ ରାସ୍ତା ମରାମତି କରିବାକୁ ଦାବି ହୋଇଛି। ଏ ସଂକ୍ରାନ୍ତରେ ବିଭାଗୀୟ ଏସଡିଓ ଜଳନ୍ଧର ବେହେରାଙ୍କୁ ପଚାରିବାରୁ ଏକ ସପ୍ତାହ ମଧରେ ରାସ୍ତା ମରାମତି କରାଯିବ ବୋଲି ସେ କହିଛନ୍ତି। ଏବେ ଦେଖିବାକୁ ଅପେକ୍ଷା କେବେ ଏହି ରାସ୍ତା ମରାମତି କରାଯାଉଛି।



ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତା ଫାଟି ଆଁ କରିଛି।

# 'ନଖସ୍ତୂପ'ରେ ଦାନ ଉତ୍ସବ




ଦାନ ଉତ୍ସବରେ ଧର୍ମଶାଳା ମହିଳା କଲେଜର ଛାତ୍ରୀଙ୍କ ସମେତ ଅତିଥିମାନେ।

ଧର୍ମଶାଳା,୫।୧୦(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ମହିଳା ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ଦେଉଳିପାହାଡ଼ସ୍ଥିତ ନଖସ୍ତୂପଠାରେ ଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷା ଡ. ଇନ୍ଦୁପ୍ରଭା ସାମଲଙ୍କ ଅଧ୍କ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜାତୀୟ ଦାନଉତ୍ସବ ରାଜ୍ୟ ସଂଯୋଜକ ବିପିନ କିଶୋର ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ଛାତ୍ରୀମାନଙ୍କୁ ଉତ୍ସବ ସମ୍ପର୍କରେ ଅବଗତ କରିଥିଲେ। ଧର୍ମଶାଳା, ବୌଦ୍ଧ କ୍ଷେତ୍ର ପାଇଁ ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିବାବେଳେ ଏହାର ସୁରକ୍ଷା ଓ ରକ୍ଷଣବେକ୍ଷଣ ଆମ ଦାୟିତ୍ୱ ବୋଲି ମହାନ୍ତି ମତବ୍ୟକ୍ତ କରିଥିଲେ। ରାଜ୍ୟ ଓଡ଼ିଆ ଅଧୟନ ଓ ଗବେଷଣା ସଂସ୍ଥାର ସଚିବ ସୁବ୍ରତ କୁମାର ପୃଷ୍ଟି ମୁଖ୍ୟବକ୍ତ ଭାବେ ଯୋଗଦେଇ ବୌଦ୍ଧ ଇତିହାସ ଉପରେ ଆଲୋକପାତ କରିଥିଲେ। ବୌଦ୍ଧ ଗବେଷକ ପ୍ରକାଶ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଧର୍ମଶାଳାର ନଖସ୍ତୁପ ଓ କେଶସ୍ତୁପ ସହ ଲାଙ୍ଗୁଡ଼ିର ପୁଷ୍ପଗିରି ବିହାର, ହୀରକ ତ୍ରିଭୁଜ ରତ୍ନଗିରି, ଉଦୟଗିରି ଓ ଲଳିତଗିରି ଉପରେ ଗବେଷଣାତ୍ମକ ଆଲୋଚନା କରିଥିଲେ।

କଲେଜ ପକ୍ଷରୁ ଜାତୀୟ ସେବା ଯୋଜନା ଅଧିକାରୀ ଅଧାପକ ଡ. ସୁନାକର ଦାସ, ରେଡକ୍ରସ୍ ଅଧିକାରୀ ଅଧାପକ ସବ୍ୟସାଚୀ ପ୍ରଧାନ ଓ ଆମ କଲେଜ, ଆମ ଗୌରବର ସଂଯୋଜକ ଅଧାପକ ଡ. ରାଜକିଶୋର ଜେନାଙ୍କ ସମେତ ଉକ୍ତ ବିଭାଗର ଛାତ୍ରୀମାନେ କଲେଜ ପରିସରରୁ ବ୍ୟାନର ଧରି ଦେଉଳି ଉପର ଭାଗରେ ଥିବା ନଖସ୍ତୁପ ପର୍ଯ୍ୟନ୍ତ ପଟୁଆରରେ ଯାଇଥିଲେ। ସେଠାରେ ଛାତ୍ରୀମାନେ ସ୍ୱଚ୍ଛଭାରତ ଅଭିଯାନ ମାଧମରେ ସଫେଇ କରିଥିଲେ। ନଖସ୍ତୁପର ସୁରକ୍ଷା ସହ ଏହି ଅଞ୍ଚଳକୁ ପ୍ଲାଷ୍ଟିକ ମୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ। ଉତ୍ସବରେ ସାଧୁ ଅଭୟାନନ୍ଦ ଶାରଦା, ପାଲାକାର ରବିନାରାୟଣ କର, ସାମାଜିକ କର୍ମୀ ଗୋଲକ ଚନ୍ଦ୍ର ପଲେଇ, ଧର୍ମଶାଳା ପ୍ରେସ୍ କ୍ଲବର ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ, ଖବରଦାତା ଅଖିଳ କୁମାର ସ୍ୱାଇଁ, ବିକ୍ରମ କେଶରୀ ମହାନ୍ତି, ଗିରିଧାରୀ ବେହେରା, ବିନୋଦ ବିହାରୀ ସାହୁ, ଶୁଭକାନ୍ତ ନାୟକ, ଚିନ୍ମୟ କୁମାର ନାୟକ, ଯୁବନେତା ପ୍ରସନ୍ନ କୁମାର ପାଳ ଓ ଚନ୍ଦ୍ରମଣି ବେହେରା ପ୍ରମୁଖ ଯୋଗଦେଇ ଦାନ ଉତ୍ସବ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଛାତ୍ରୀମାନେ ଆମେ ସମସ୍ତେ ଏକହେବା, ସବୁରୀ ମୁହଁରେ ହସ ଦେଖିବା ସ୍ଲୋଗାନ ଦେଇଥିଲେ। ଏହି ଦାନ ଉତ୍ସବ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମୟ ଭିତରେ ଧର୍ମଶାଳାର ଅନ୍ୟ ବୌଦ୍ଧପୀଠଗୁଡ଼ିକରେ ଦାନ ଉତ୍ସବ ପାଳନ କରାଯିବ ବୋଲି ଗବେଷକ ନାୟକ ସୂଚନା ଦେଇଥିଲେ। କଲେଜ କର୍ମଚାରୀ ବୃନ୍ଦାବନ ସାହୁ ଓ ଅଚ୍ୟୁତାନନ୍ଦ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

## ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଉଦ୍‌ଯାପିତ

ବିଞ୍ଝାରପୁର,୫।୧୦(ରାମକୃଷ୍ଣ ଦାସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମାଁସଡ଼ାସ୍ଥିତ ଡିଭାଇନ ପାୱାର ୟୁଥ୍ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଶିକ୍ଷାବିତ ସନ୍ତୋଷ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଅଧକ୍ଷା ରୀତାଞ୍ଜଳୀ ପତି ଯୋଗଦେଇ ପରିବେଶକୁ କିପରି ପରିଷ୍କାର ରଖାଯାଇପାରିବ ସେଥିପ୍ରତି ଯତ୍ନବାନ ହେବାଲାଗି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପରେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସଦସ୍ୟା ସଦସ୍ୟଙ୍କୁ ପୁରସ୍କୃତ କରାଯିବା ସହିତ ସ୍ୱଚ୍ଛତା ପାଇଁ ଜନସଚେତନତା ସୃଷ୍ଟି କରିବାକୁ ଶପଥ ପାଠ କରାଯାଇଥିଲା। ଉତ୍ସବରେ ମୁକେଶ କୁମାର ସାହୁ, ସରୋଜ ମଲ୍ଲିକ, ସିପ୍ରା ଦାସ, ଶୁଚିସ୍ମିତା ଦାସ, ପ୍ରମୋଦିନୀ ବେହେରା, ବିନୋଦିନୀ ବେହେରା, ରୁଦ୍ରାତପସ୍ୱିନୀ ଦାସ, ଶ୍ରୀୟନନ୍ଦିନୀ ଜେନା, ଶୁଭଶ୍ରୀ ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ରଣା, ସତ୍ୟରଞ୍ଜନ ବେହେରା, ନିକିତା ସାମଲ, ନମିତା ମିଲ୍ଲିକ, ରଶ୍ମିରଞ୍ଜନ ବାରିକ, ସାଇସ୍ୱରୂପ ସାମଲ, ରଶ୍ମିତା ମଲ୍ଲିକ, ବାପି ମଲ୍ଲିକ, ସୂର୍ଯ୍ୟକାନ୍ତ ମଲ୍ଲିକଙ୍କ ସମେତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ଓ ଏନ୍‌ଆଇସିଇଟିର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ବଡ଼ଚଣାରେ ୫୧ କନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତି ମିଳିଲା

ଚଣ୍ଡିଖୋଲ,୫।୧୦(ପ୍ରଦୀପ୍ତ କୁମାର ପୃଷ୍ଟି): ରାଜ୍ୟ ସରକାର କନିଷ୍ଠ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଥିବାବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ସମସ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ବଡ଼ଚଣା ଶିକ୍ଷା ମଣ୍ଡଳରେ ୫୧ଜଣ କନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତି ମିଳିଛି। ଏହି କନିଷ୍ଠ ଶିକ୍ଷକମାନଙ୍କୁ ଛତିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପହଞ୍ଚିବାକୁ ନିର୍ଦ୍ଦେଶ ହୋଇଥିଲା। ସେମାନେ ପହଞ୍ଚିବା ପରେ ଶିକ୍ଷାମଣ୍ଡଳ ପକ୍ଷରୁ ସେଠାରୁ ବସ ଯୋଗେ ସମସ୍ତେ ଭୁବନେଶର ଯାଇଥିଲେ। ନିଯୁକ୍ତିପତ୍ର ମିଳିବା ପରେ ସେମାନେ ଫେରିଥିବା ଶିକ୍ଷା ମଣ୍ଡଳ ପକ୍ଷରୁ ସୂଚନା ମିଳିଛି।

## ଦୁର୍ଗାପୂଜା ପାଇଁ ଶାନ୍ତି କମିଟି ବୈଠକ



ବୈଠକରେ ଥାନା ଅଧିକାରୀଙ୍କ ସହ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା।

ଜେନାପୁର,୫।୧୦(ଅଶୋକ ଦାସ): ଜେନାପୁର ଥାନା ଅନ୍ତର୍ଗତ ଜେନାପୁର ଓ କବାଟବନ୍ଧ ଅଞ୍ଚଳରେ ଦୁର୍ଗାପୂଜା ପାଳନ ପାଇଁ ପୂଜା କମିଟି ସଭାପତି ଓ ସଦସ୍ୟଙ୍କୁ ନେଇ ଥାନାରେ ଏକ ଶାନ୍ତିକମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅଞ୍ଚଳରେ ହେଉଥିବା ପୂଜା କିପରି ଶାନ୍ତି ଶୃଙ୍ଖଳାର ହେବ ସେ ସମ୍ପର୍କରେ ଆଲୋଚନା କରାଯାଇଛି। ପୂଜାମଣ୍ଡପ ତୋରଣ କିମ୍ବା ସାଜସଜାରେ ଯେପରି ସାଧାରଣ ଲୋକଙ୍କ ଯାତାୟାତ ଓ ଟ୍ରାଫିକ ସମସ୍ୟା ସୃଷ୍ଟି ନ ହୁଏ ସେଥିପ୍ରତି ଧାନଦେବାକୁ ଥାନା ଅଧିକାରୀ ପରାମର୍ଶ ଦେଇଛନ୍ତି। ଏଥିସହିତ ଗହଳି ହେଉଥିବା ସ୍ଥାନରେ ସିସିଟିଭି ଲଗାଇବାକୁ ପୂଜା କମିଟିଗୁଡ଼ିକୁ ଅନୁରୋଧ କରିଛନ୍ତି। କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଉପୁଜିଲେ ଆଇନକୁ ହାତକୁ ନ ନେଇ ତୁରନ୍ତ ପୋଲିସକୁ ଜଣାଇବାକୁ ଥାନା ଅଧିକାରୀ କହିଛନ୍ତି। ବୈଠକରେ ଥାନାରେ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଟାଟା ଷ୍ଟିଲ୍ ପକ୍ଷରୁ ନୂତନ ଶ୍ରେଣୀଗୃହ ଲୋକାର୍ପିତ



ଶ୍ରେଣୀଗୃହ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଯାଜପୁର,୫।୧୦(ହର୍ଷବର୍ଦ୍ଧନ ବେହେରା): ଟାଟା ଷ୍ଟିଲ୍ ଫାଉଣ୍ଡେଶନ (ଟିଏସ୍‌ଏଫ୍) ପକ୍ଷରୁ ଯାଜପୁର ଜିଲା ଦାନଗଦୀ ବ୍ଲକ ଅନ୍ତର୍ଗତ ନଡିଆଭଙ୍ଗା ପଞ୍ଚାୟତ ଖଣ୍ଡରା ଗ୍ରାମର ଉଚ୍ଚ ପ୍ରାଥମିକ ପ୍ରକଳ୍ପ ବିଦ୍ୟାଳୟର ଦୁଇଟି ନୂତନ ଶ୍ରେଣୀଗୃହ ଲୋକାର୍ପିତ ହୋଇଯାଇଛି। ନୀଳାଚଳ ଇସ୍ପାତ ନିଗମ ଲିମିଟେଡ (ଏନ୍‌ଆଇଏନ୍‌ଏଲ୍)ର ଏମ୍‌ଡି ତଥା ସିଇଓ ସୁଧୀର ମେହେଟ୍ଟା ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ନଡିଆଭଙ୍ଗା ପଞ୍ଚାୟତର ସରପଞ୍ଚ ରଶ୍ମିତା ସାହୁଙ୍କ ସମେତ ସ୍କୁଲ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର, କମ୍ୟୁନିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଶ୍ରେଣୀଗୃହ ୧୬୦୦ ବର୍ଗଫୁଟରୁ ଅଧିକ ସ୍ଥାନରେ ନିର୍ମାଣ ହୋଇଛି। ଏଥିରେ ୨୪୦ରୁ ଅଧିକ ଛାତ୍ରୀଛାତ୍ର ପାଠ ପଢ଼ିପାରିବେ। ଏହି ଅବସରରେ ଏନ୍‌ଆଇଏନ୍‌ଏଲ୍‌ର ଏମ୍‌ଡି ମେହେଟ୍ଟା କହିଛନ୍ତି, ଗୁଣାତ୍ମକ ଶିକ୍ଷା ପାଇବା ପ୍ରତ୍ୟେକ ପିଲାଙ୍କ ଅଧିକାର ଏବଂ ଏହି ପଦକ୍ଷେପ ମାଧମରେ ଆମେ ପିଲାମାନଙ୍କୁ ଉନ୍ନତ ଶିକ୍ଷା ସୁବିଧା ଯୋଗାଇଦେବାକୁ ଚାହୁଁଛୁ। ନଡିଆଭଙ୍ଗା ପଞ୍ଚାୟତର ଛାତ୍ରୀଛାତ୍ରଙ୍କ ପାଇଁ ଉନ୍ନତ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

# ସଫଳତା ପାଇଁ କଠିନ ପରିଶ୍ରମ କରିବାକୁ ପରାମର୍ଶ

## ମା' ତାରିଣୀ ମହାବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା, ପୁରସ୍କାର ବିତରଣ ଉତ୍ସବ



କାର୍ଯ୍ୟକ୍ରମରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ପାଣିକୋଇଲି,୫।୧୦(ବିକାଶ ମଲ୍ଲିକ): ପାଣିକୋଇଲି ମା' ତାରିଣୀ ମହାବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା ଓ ପୁରସ୍କାର ବିତରଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ. ଚନ୍ଦ୍ରକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା, ମୁଖ୍ୟ ବକ୍ତାଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ, ସମ୍ମାନିତ ଅତିଥିଭାବେ ଯୁକ୍ତ ଦୁଇ କଲେଜ ଅଧକ୍ଷ ପ୍ରାର୍ଥସାରଥି ବିଶ୍ୱାଳ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏମ୍‌ପି ବେହେରା ଶିକ୍ଷାର ଉପାଦେୟତା ଓ ଆବଶ୍ୟକତା ସମ୍ପର୍କରେ ମତପୋଷଣ କରିଥିବାବେଳେ ବିଧାୟକ ଦାସନାୟକ ଶିକ୍ଷାଜ୍ଞାନ ଚକ୍ଷୁ ଖୋଲିଦିଏ ଏବଂ ଛାତ୍ରୀଛାତ୍ରଙ୍କୁ ଉଚିତ ମାର୍ଗ ଦର୍ଶାଏ ବୋଲି ମତବ୍ୟକ୍ତ କରିଥିଲେ। ଏଥିସହିତ ସ୍ୱପ୍ନକୁ ଦିଗନ୍ତ ବିସ୍ତାର କରି ସଫଳତା ପାଇଁ କଠିନ ପରିଶ୍ରମ କରି ଆଦର୍ଶ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଅତିଥିମାନଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

ପୂର୍ବରୁ ମହାବିଦ୍ୟାଳୟରେ କରାଯାଇଥିବା ପ୍ରବନ୍ଧ, ରଂଗୋଲି, ଚିତ୍ର ଉତ୍ତୋଳନ, ବକ୍ତୃତା ଆଦି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣପତ୍ର ଓ ଟ୍ରଫି ଦିଆଯାଇ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ର ସ୍ୱାଗତ ସଂଗୀତ ଗାନ କରିଥିଲେ। ଅଧ୍ୟାପକ ମଦନ ମୋହନ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧାପକ ଡ. ପ୍ରତାପ ଚନ୍ଦ୍ର ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧକ୍ଷ ଡ. ମହାନ୍ତି ମହାବିଦ୍ୟାଳୟର ଅଭାବ ଅସୁବିଧା ସମ୍ପର୍କିତ ଦାବି ଅତିଥିଙ୍କ ସମ୍ମୁଖରେ ଉପସ୍ଥାପନା କରିଥିଲେ। ଛାତ୍ରୀ ଶୁଭଲକ୍ଷ୍ମୀ ପ୍ରିପାଠୀ ଛାତ୍ର ସଂସଦର ଦାବି ପତ୍ର ପାଠ କରିଥିଲେ। ବିଧାୟକ ସମସ୍ତ ଦାବିପୂରଣ ସହ ଏହି ମହାବିଦ୍ୟାଳୟକୁ ଏକ ମଡେଲ ମହାବିଦ୍ୟାଳୟ କରିବା ପାଇଁ ପୁରାତନ ଛାତ୍ରୀଛାତ୍ରଙ୍କ ଆବଶ୍ୟକତା ରହିଛି ବୋଲି କହିଥିଲେ। ପରେ ମହାବିଦ୍ୟାଳୟ ପରିସରରେ ଚାରାରୋପଣ କରାଯିବା ସହ ନୂତନ ବିଜ୍ଞାନ ଗୃହ ବିଧାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଅଧ୍ୟାପକ ସତ୍ୟବ୍ରତ ଦାସ ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟାପକ ଅଭିମନ୍ୟୁ ପଣ୍ଡା ବେଦମନ୍ତ୍ର ଉଚାରଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧାପିକାଅଧାପକ ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧାପକ ସେମାନାଥ ପତି ଧନ୍ୟବାଦ ଦେଇଥିଲେ।।

## ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା

ଆଳି, ୫।୧୦(ବନମାଳୀ ସେନାପତି)

ଆଳି ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆଳି ବିଧାୟକ ପ୍ରତାପ କେଶରୀ ଦେବଙ୍କ ନେତୃତ୍ୱରେ କର୍ମୀମାନେ ଆଳି ଲକ୍ଷ୍ମୀବରାହ ମନ୍ଦିର ନିକଟରୁ ପଦଯାତ୍ରାରେ ବାହାରି ଦେମାଳ, ଲୋକାପଡ଼ା ଗ୍ରାମ ପରିକ୍ରମା କରି ଆଳି ନୂଆବଜାର ଅନ୍ନପୂର୍ଣ୍ଣା ପଡ଼ିଆରେ ପହଞ୍ଚି ଥିଲେ। ବ୍ଲକ ବିଜେଡି ସଭାପତି ସନାତନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ଆଳି ବିଧାୟକ ଦେବ ଯୋଗଦେଇ ବର୍ତ୍ତମାନର ସରକାର ଶହେଦିନ ପୂରଣ କରି ସାରିଥିବା ବେଳେ ସରକାର ଚଳାଇବାରେ ସମ୍ପୂର୍ଣ୍ଣ ଭାବେ ଦିଗହରା ହୋଇ ପଡ଼ିଥିବା କହିଛନ୍ତି। ଏଥିସହ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଯେଉଁ ଉକ୍ତି ଦେଇଛନ୍ତି ଟ୍ରେଲର ଦେଖିଲେ ସିନେମା ବାକି ଅଛି, ତେବେ ଭାଜପା ୧୨୦ଦିନ ସରକାରକୁ ଆସି ଯାହା କରିଛି, ତାହା ସମ୍ପୂର୍ଣ୍ଣ ଭାବେ ନୈରାଶ୍ୟଜନକ। ଏହି ଜନସମ୍ପର୍କ ପଦଯାତ୍ରାରେ ଆଳି ବ୍ଲକର ୩୪ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ, ସଙ୍ଗଠକମାନଙ୍କ ସହିତ ଶତାଧିକ କର୍ମୀ ସାମିଲ ହୋଇଥିଲେ।

# ପ୍ରତିଭା ବିକାଶ ପାଇଁ ସୁରଭି ଏକ ବଳିଷ୍ଠ ପଦକ୍ଷେପ



ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

### ବକ୍ତାରପୁରରେ କ୍ଲଷ୍ଟରସ୍ତରୀୟ ସୁରଭି-୨୦୨୪

ପଟ୍ଟାମୁଣ୍ଡାଇ,୫।୧୦(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ବକ୍ତାରପୁର ହାଇସ୍କୁଲ ପରିସରରେ ବକ୍ତାରପୁର କ୍ଲଷ୍ଟର ପକ୍ଷରୁ ଶିଶୁ ମହୋତ୍ସବ ସୁରଭି-୨୦୨୪ ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟର ସିଆରସିସି ସଂଘମିତ୍ରା ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ପଟ୍ଟାମୁଣ୍ଡାଇ ପୌରପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ମୁଖ୍ୟଅତିଥି, କାଉନସିଲର ଝରଣା ବେହେରା ମୁଖ୍ୟବକ୍ତା, ରାଜ୍ୟସ୍ତରୀୟ ଶିକ୍ଷକ ନେତା ସିଆରସିସି ମଳୟ ଜେନା, ବକ୍ତାରପୁର ହାଇସ୍କୁଲ ପ୍ରଧାନଶିକ୍ଷକ ସର୍ବେଶ୍ୱର ପତି, ସିଆରସିସି ବିଷ୍ଣୁ ରଞ୍ଜନ ସାହୁ, ସ୍କୁଲ ପରିଚାଳନା କମିଟି ସଭାପତି ଜଗବନ୍ଧୁ ନାୟକ ଓ ପ୍ରାକ୍ତନ ସିଆରସିସି ବିଶ୍ୱ ରଞ୍ଜନ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶ ପାଇଁ ଶିଶୁ ମହୋତ୍ସବ ସୁରଭି ଏକ ବଳିଷ୍ଠ ପଦକ୍ଷେପ ବୋଲି ମତପ୍ରକାଶ କରିଥିଲେ। ଶିକ୍ଷକ ସଞ୍ଜୟ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

ଉଦ୍‌ଯାପନୀ ଉତ୍ସବରେ ବିଆରସିସି ଚନ୍ଦ୍ରଶେଖର ତ୍ରିପାଠୀ ମୁଖ୍ୟଅତିଥି,ଡିଆଇଇଟି ବାଲିଆ ପ୍ରଶିକ୍ଷିକା ଅସୀମା ବେହୁରା ମୁଖ୍ୟବକ୍ତା, ଏବିଇଓ ପ୍ରେମବାଳା ମହାପାତ୍ର ଓ ସୁନୀତି ଦାଶ, ସିଆରସିସି ନମିତା ସାହୁ, ଡିଆଇଟିଇ ବାଲିଆ ପ୍ରଶିକ୍ଷିକା ସୁନିତା ବେହେରା, ସିଆରସିସି ରଞ୍ଜନ କୁମାର ସାହୁ ଓ ଶିକ୍ଷକନେତା ସିଆରସିସି ପ୍ରଦୀପ ତରାଇ ସମ୍ମାନିତଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ଅନିତା ଧଳ ସ୍ୱାଗତଭାଷଣ ଓ ସହକାରୀ ଶିକ୍ଷକ ଜୟନ୍ତ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ ବକ୍ତୃତା, ନୃତ୍ୟ, ସଂଗୀତ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ମିଶ୍ର, ଶିକ୍ଷକନେତା କବି ଅଶୋକ ପରିଡ଼ା, ଶରତ ସ୍ୱାଇଁ, ଉର୍ମିଳା ବିଶ୍ୱାଳ, ଗୋଦାବରୀଶ ମିଶ୍ର, ରାଜେନ୍ଦ୍ର ଦାଶ, ମାନସୀ ତରାଇ,ଶୁଭଶ୍ରୀ ମାଝୀ ବିଚାରକ ଭାବେ ଯୋଗ ଦେଇଥିଲେ। ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ଓ ଅନ୍ୟାନ୍ୟ ଅତିଥି ପୁରସ୍କାର ବିତରଣ କରିଥିଲେ। ସସ୍ମିତା ଦାଶ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଆରତୀ ଭଳ, କଳ୍ପନା ତ୍ରିପାଠୀ, ଜୟବାଳା ନାରାୟଣୀ ମହାପାତ୍ର,ରାଜଶ୍ରୀ ତ୍ରିପାଠୀ ଓ ମିନତୀ ପୃଷ୍ଟି ପରିଚାଳନା କରିଥିଲେ।

## ଗଡ଼୍‌ମେକର ୩ କଣ୍ଠଶିଳ୍ପୀଙ୍କୁ ଆକାଶବାଣୀ ମାନ୍ୟତା



ପଟ୍ଟାମୁଣ୍ଡାଇ,୬।୧୦(କଳ୍ପତରୁ ନାୟକ)

ଓଡ଼ିଶାର ସର୍ବବୃହତ ପଞ୍ଚକଳା ପ୍ରତିଷ୍ଠାନ ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିର (ଗଡ଼୍‌ମେକର)ର ୩ଜଣ କଣ୍ଠଶିଳ୍ପୀ ଆକାଶବାଣୀ ବି ଗ୍ରେଡ୍ ମାନ୍ୟତା ପାଇଛନ୍ତି। ସେମାନେ ହେଲେ ପଟ୍ଟାମୁଣ୍ଡାଇ ବ୍ଲକ ଅଣ୍ଡରା ଗ୍ରାମର ସୁପ୍ରିୟା ଦାଶ, ଗୁଣ୍ଡୁପୁରର ସୌମ୍ୟ ରଞ୍ଜନ ଗାହାଣ ଓ ପୋଖରୀଆପଡାର ମନସ୍ୱିନୀ ମହାପାତ୍ର। ଗଡ଼ମେକର ପ୍ରତିଷ୍ଠାତା ସଭାପତି ଗୀତିକବି ସୁଶାନ୍ତି ପାଣିଙ୍କ ପ୍ରଶିକ୍ଷଣରେ ସେମାନେ ଆଜି ଏହି ସଫଳତା କରିଛନ୍ତି। ଏଥିନେଇ ୩ଜଣ କଣ୍ଠ ଶିଳ୍ପୀଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ପୌର୍ଣ୍ଣମାସୀ ଗୃହସ୍ଥାଶ୍ରମରେ ନବଦିନାତ୍ମକ ପୂଜା

ଜଗତ୍‌ସିଂହପୁର, ୫।୧୦
(ପ୍ରମୋଦ କୁମାର ନାୟକ)

ପୁରୀ ଜିଲା ଶାନ୍ତି ଆନନ୍ଦାଶ୍ରମର ଅଧିଷ୍ଠାତ୍ରୀ ଦେବୀ ମା'ପୌର୍ଣ୍ଣମାସୀ ଓ ଜଗତ୍‌ଗୁରୁ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବ ସ୍ଥାନୀୟ ଦେଉଳିଗ୍ରାମେଶ୍ୱର ଏଲ୍‌ଆଇସି ଅଫିସ ନିକଟ ଗୃହସ୍ଥାଶ୍ରମରେ ଦୁର୍ଗାମାଧବ ରୂପରେ ଦୀର୍ଘ ୨୪ ବର୍ଷ ଧରି ପୂଜା ପାଇ ଆସୁଛନ୍ତି। ପ୍ରତିବର୍ଷ ପରି ଚଳିତବର୍ଷ ଆଶ୍ରମରେ ରୀତିନୀତି ଅନୁଯାୟୀ ମା'ଙ୍କ ନବଦିନାତ୍ମକ ପୂଜାର୍ଚ୍ଚନା ଚାଲିଛି। ପ୍ରତ୍ୟହ ମା'ଙ୍କ ଷୋଡ଼ଶ ଉପଚାର ପୂଜା, ସପ୍ତଶତୀ ଚଣ୍ଡୀ ପାଠ ସହ ହବନ ଆଦି କରାଯାଉଛି। ଏଥିସହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ମା'ଙ୍କ ପୀଠରେ ନବରାତ୍ରୀ ପୂଜା ବେସ ହୃଦୟସ୍ପର୍ଶୀ। କାରଣ ୯ଟି ଦିବସରେ ମା'ଙ୍କୁ ୯ଟି ସ୍ୱରୂପରେ ପୂଜାର୍ଚ୍ଚନା କରାଯାଏ। ଅଶ୍ୱିନ ଶୁକ୍ଳ ପ୍ରତିପଦାଠାରୁ ଆଶ୍ୱିନ ଶୁକ୍ଳ ନବମୀ ପର୍ଯ୍ୟନ୍ତ ଏହି ପୀଠରେ ଆଧାତ୍ମିକ ପରିବେଶରେ ପୂଜାର୍ଚ୍ଚନା କରାଯାଇଥାଏ। ଅଶ୍ୱିନ ଶୁକ୍ଳ ପ୍ରତିପଦରେ ଜଳଯାତ୍ରା ପରେ ମା'ଙ୍କ ଘଟ ଆସେ। ବିଶେଷ କରି ମହାଷ୍ଟମୀରେ ମା'ଙ୍କ ସନ୍ଧିପୂଜା, ତାରିଣୀ ପୂଜା, ବଳିଦାନ ପରେ ମା'ଙ୍କ ଆଳତି କରାଯାଇଥାଏ। ମହାନବମୀରେ ମା'ଙ୍କ କୁମାରୀ ପୂଜା, ସପ୍ତଶତୀ ଚଣ୍ଡୀ ଆହୁତି, ଯଜ୍ଞ ପୂର୍ଣ୍ଣାହୁତି କରାଯାଏ। ବିଜୟା ଦଶମୀରେ ଅପରାଜିତା ପୂଜା ପରେ ମା'ଙ୍କ ନିକଟରେ ଦହିପଖାଳ ଭୋଗ କରାଯାଇଥାଏ। ତାପରେ ମା'ଙ୍କ ଘଟ ବିସର୍ଜନ କରାଯାଏ। ଏହି ପୂଜାରେ ଦେଉଳୀଗ୍ରାମେଶ୍ୱର ଓ ସାନବଜାର ଅଞ୍ଚଳର ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମେତ ଜଗତ୍‌ସିଂହପୁର ସହର, ଓଡ଼ିଶା ଓ ବହାରର ବହୁ ସଂଖ୍ୟକ ଭକ୍ତ ଯୋଗ ଦେଇଥାନ୍ତି। ଚଳିତବର୍ଷ ଏହି ପୂଜାରେ ବହୁ ସଂଖ୍ୟକ ଲୋକଙ୍କ ସମାଗମ ହେଉଥିବା ଜଣାପଡ଼ିଛି।

## ସାରସ୍ୱତ ସାଧକ ନିରଞ୍ଜନ ତ୍ରିପାଠୀଙ୍କ ପରଲୋକ

ଆଳି,୫।୧୦(ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ନିଆଳ ଗ୍ରାମର ବିଶିଷ୍ଟ ସାରସତ ସାଧକ ତଥା ପୂର୍ବତନ



ବ୍ଲକ କଂଗ୍ରେସ ସଭାପତି ନିରଞ୍ଜନ ମହାନ୍ତି(୭୮)ଙ୍କ ଶନିବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି । ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ କିଛିଦିନ ହେବ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେ ଦୀର୍ଘଦିନ ଧରି ଏଆଇସିସି ସଦସ୍ୟ ରହିବା ସହ ଆଳି ବ୍ଲକ କଂଗ୍ରେସ ସଭାପତି ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି। ପିଲାଟି ବେଳୁ ସେ ସମାଜ ସେବାରେ ମନୋନିବେଶ କରିଥିଲେ। ସେ ନିଗମାନନ୍ଦ ସରସତଙ୍କ ଭକ୍ତ ଥିଲେ। ସେ ଅସମ ବଙ୍ଗୀୟ ସାରସତ ମଠ କୋକିଳାମୁଖ ମହନ୍ତ ମହାରାଜ ସ୍ୱାମୀ ଦିବ୍ୟାନନ୍ଦ ସରସ୍ୱତୀଙ୍କ ଶେଷ ଜୀବନ ପର୍ଯ୍ୟନ୍ତ ବ୍ୟକ୍ତିଗତ ସଚିବ ଥିଲେ । ସେ ଆଳି ସାରସତ ସଂଘର ପ୍ରତିଷ୍ଠାତା ଥିଲେ। ତାଙ୍କ ପରଲୋକ ଖବର ପାଇ ଆଳି ବିଧାୟକ ପ୍ରତାପ କେଶରୀ ଦେବ,ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ,ଦେବେନ୍ଦ୍ର ଶର୍ମା,ଭାଜପା ନେତା କୃଷ୍ଣଚନ୍ଦ୍ର ପଣ୍ଡା,ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ,ଜିଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି,ସାରସତ ସାଧକ ତଥା ପୂର୍ବତନ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଜଗନ୍ନାଥ ତ୍ରିପାଠୀ ଓ ବିଶିଷ୍ଟ କବି ନୀଳାଦ୍ରି ଭୂଷଣ ମହାପାତ୍ର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ରବିବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ସୂଚନା ମିଳିଛି।

# ୫୪ ହଜାର ପ୍ଲଟ୍‌ର ସର୍ଭେ କାମ ସରିଛି


ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

### ଡିଜିଟାଲ ଫସଲ ସର୍ବେକ୍ଷଣ ପାଇଁ ସଚେତନତା

ରାଜନଗର,୫।୧୦(ଭାସ୍କର ରାଉତରାୟ)

ରାଜନଗର ପଞ୍ଚାୟତ ସମିତି ସଭାଗୃହରେ ବ୍ଲକସ୍ତରୀୟ ଡିଜିଟାଲ ଫସଲ ସର୍ଭେକ୍ଷଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆତ୍ମାର ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ବ୍ଲକ କୃଷି ଅଧିକାରିଣୀ ଯୁଗସ୍ମିତା ପାତ୍ର, ଏଭିଏସ୍ ଡ. ପ୍ରକାଶ କୁମାର ଜେନା, ଏଏଫ୍‌ଓ ମୋନାଲିସା ରାଉତ, ଜିପିଇଓ ଧର୍ମେନ୍ଦ୍ର କୁମାର ଦାଶ, ବିଟିଟି କନଭେନର ଦେବବ୍ରତ ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ୨ବର୍ଷ ହେଲା ଡିଜିଟାଲ ମାଧ୍ୟମରେ ଫସଲ ସର୍ଭେକ୍ଷଣ କରାଯାଉଛି। ଚଳିତବର୍ଷ ରାଜନଗର ବ୍ଲକରେ ୯୬ ହଜାର ୭ଶହ ପ୍ଲଟ ସର୍ଭେକ୍ଷଣ ପାଇଁ ଚିହ୍ନଟ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୫୪ ହଜାର ପ୍ଲଟର ସର୍ଭେ କାମ ସରିଛି। ଯେଉଁ ଚାଷୀମାନଙ୍କର ଡିଜିଟାଲ ମୋବାଇଲରେ ନାମ ପଞ୍ଜିକୃତ ହୋଇନାହିଁ, ସେମାନଙ୍କ ପାଖରେ ଯଦି ଆଣ୍ଡ୍ରୋଏଡ ମୋବାଇଲ ଥାଏ, ସେମାନେ ତାଙ୍କ ନାମ କୃଷି ବିଭାଗରେ ପଞ୍ଜିକୃତ କରିପାରିବେ। ଶନିବାର ସୁଦ୍ଧା ୧୪୭ଜଣ ଚାଷୀ ସେମାନଙ୍କ ନାମ ପଞ୍ଜିକୃତ ହୋଇଛି ବୋଲି କୃଷିବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସରପଞ୍ଚ ନିରଞ୍ଜନ ରାଉତ, କୈଳାସ ଚନ୍ଦ୍ର ପରିଡା, ଅଶୋକ କୁମାର ମହାନ୍ତି, ସୁଶ୍ରୀ ସଂଗୀତା ମିଶ୍ର, ପୁଷ୍ପଲତା ପାତ୍ର, ବୀଣାପାଣି ପ୍ରଧାନ, ଶୈଳେନ୍ଦ୍ର ମିଶ୍ର, ଗୋଲେଖ ଚନ୍ଦ୍ର ସ୍ୱାଇଁ, ସମିତିସଭ୍ୟ ସସ୍ମିତା ସ୍ୱାଇଁ, ମିନତୀ ସାହୁ, ରବିନ ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବିଟିଏମ ଶୈଳେନ୍ଦ୍ର କୁମାର ସ୍ୱାଇଁ, ଚିନ୍ମୟୀ ବେହେରା, ପ୍ରିୟଙ୍କା ଖଣ୍ଡେଇ ଓ ଭିଏଡବ୍ଲୁମାନେ ପରିଚାଳନା କରିଥିଲେ।

## ବିଶ୍ୱହିନ୍ଦୁ ପରିଷଦ,ବଜରଙ୍ଗ ଦଳର ନୂତନ କର୍ମକର୍ତ୍ତା


ସଭାରେ ଯୋଗଦେଇଥିବା ସଂଘର କର୍ମକର୍ତ୍ତା ଓ ଅନ୍ୟମାନେ।

ରାଜନଗର,୫।୧୦(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ବିଶ୍ୱ ହିନ୍ଦୁ ପରିଷଦ କାର୍ଯ୍ୟାଳୟରେ ଜିଲା ସଭାପତି ଗୋପୀନାଥ ତ୍ରିପାଠୀଙ୍କ ପୌରୋହିତ୍ୟରେ ରାଜନଗର ପ୍ରଖଣ୍ଡର ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ବଜରଙ୍ଗ ଦଳର ଜିଲା ସଭାପତି ତ୍ରିପାଠୀ ଓ ସମ୍ପାଦକ ବିରେନ୍ଦ୍ର କୁମାର ସାମଲଙ୍କ ଅନୁମୋଦନ କ୍ରମେ ରାଜନଗର ପ୍ରଖଣ୍ଡର ନୂତନ କର୍ମକର୍ତ୍ତାଙ୍କ ନାମ ଜିଲା ସଂଯୋଜକ ସନାତନ ସୁଆର ଘୋଷଣା କରିଥିଲେ। ରାଜନଗର ପ୍ରଖଣ୍ଡର ନୂତନ ସଭାପତି ଭାବେ ଦେବବ୍ରତ ମହାନ୍ତି, ଉପସଭାପତି ଅକ୍ଷୟ କୁମାର ପାତ୍ର, ସମ୍ପାଦକ ବିବେକାନନ୍ଦ ଭୂୟାଁ, ସହସଂପାଦକ ମନୋରଞ୍ଜନ ସାହୁ, ସତ୍‌ସଙ୍ଗ ପ୍ରମୁଖ ଭାବେ ପ୍ରମୋଦ କୁମାର ରାଉତ, ବଜରଙ୍ଗ ଦଳ ସଂଯୋଜକ ଭରତ ଚନ୍ଦ୍ର ରାଉତ, ଦୁର୍ଗାବାହିନୀ ସଂଯୋଜିକା ବିଦ୍ୟୁତ୍‌ପ୍ରଭା ସେଠୀ, ମାତୃଶକ୍ତି ସଂଯୋଜିକା ଶାନ୍ତିଲତା ବାରିକ, ଗୋରକ୍ଷା ପ୍ରମୁଖ ସଞ୍ଜୀବ ଜେନା, ଧର୍ମାଚାର୍ଯ୍ୟ ସମ୍ପର୍କ ପ୍ରମୁଖ ଆର.କ୍ରୀଷ୍ଣାଦାସ, ମନ୍ଦିର ଓ ପୁରୋହିତ ସମ୍ପର୍କ ପ୍ରମୁଖ ଶାରଦା ପ୍ରସନ୍ନ ମିଶ୍ର, ଧର୍ମପ୍ରସାର ପ୍ରମୁଖ ଶାନ୍ତନୁ କୁମାର ସ୍ୱାଇଁ, ସେବା ପ୍ରମୁଖ ମଥୁରାନନ୍ଦ ମଲିକ, ସାମାଜିକ ସମରସତା ପ୍ରମୁଖ ରଘୁନାଥ ସ୍ୱାଇଁ, ପ୍ରଚାର ପ୍ରସାର ପ୍ରମୁଖ ବ୍ରଜ ଭୂଷଣ ମିଶ୍ର, ସହ ସଂଯୋଜକ ଓମ୍‌କାର ଜ୍ୟୋତି ବର୍ଦ୍ଧନ, ସରୋଜକାନ୍ତ ସ୍ୱାଇଁ, ମହାବିଦ୍ୟାଳୟ ପ୍ରମୁଖ ଓମ୍ ପ୍ରକାଶ ଜେନା, ସୁରକ୍ଷା ପ୍ରମୁଖ ଚନ୍ଦ୍ରଭାନୁ ଜେନା, ବଳ ଉପାସନା ପ୍ରମୁଖ ରଜତ ମଲିକ, ସାପ୍ତାହିକ ମିଳନ ପ୍ରମୁଖ ସନ୍ତୋଷ ସେଠୀ, ଦୁର୍ଯ୍ୟୋଧନ ସେଠୀ, ଆଖଡା ପ୍ରମୁଖ ସୁଦର୍ଶନ ମଲିକ ପ୍ରମୁଖଙ୍କ ନାମ ଚୟନ କରାଯାଇଥିବା ନେଇ ପ୍ରଖଣ୍ଡ ସଭାପତି ମହାନ୍ତି ସୂଚନା ଦେଇଛନ୍ତି।

## ପଟ୍ଟାମୁଣ୍ଡାଇ କଲେଜ ପ୍ରାଥମିକ ଚିକିତ୍ସା ତାଲିମ ଶିବିର



ପ୍ରାଥମିକ ଚିକିତ୍ସା ତାଲିମ ଶିବିରରେ ମଞ୍ଚାସୀନ ଅତିଥି।

ପଟ୍ଟାମୁଣ୍ଡାଇ, ୫।୧୦ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ କଲେଜ ଜୁନିୟର ରେଡକ୍ରସ ଓ ଜାତୀୟ ସେବା ସଂସ୍ଥା ପକ୍ଷରୁ ପ୍ରାଥମିକ ଚିକିତ୍ସା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ କଲେଜ ଅଧ୍ୟକ୍ଷ ଦିଲୀପ ଭୂୟାଁ ଉଦ୍‌ଘାଟନ କରିଥିଲେ। ଜାତୀୟ ସେବା ସଂସ୍ଥା ପ୍ରୋଗ୍ରାମ ଅଧିକାରୀ ଅଧ୍ୟାପକ ପ୍ରଦ୍ୟୁମ୍ନ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ବୌଦ୍ଧ ପଞ୍ଚାୟତ କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗ ଅଧ୍ୟାପକ ତଥା ରାଜ୍ୟ ଦୁର୍ବିପାକ ପରିଚାଳନା ସମିତି ସଦସ୍ୟ ଡ. ପ୍ରବୀର କୁମାର ଦାସ ମୁଖ୍ୟ ତାଲିମଦାତା ଭାବେ ଯୋଗଦେଇ ବିଭିନ୍ନ ଦୁର୍ବିପାକ ସମୟରେ ପ୍ରାଥମିକ ଚିକିତ୍ସା ପଦ୍ଧତି ସମ୍ପର୍କ ତାଲିମ ପ୍ରଦାନ କରିଥିଲେ। ଏକାଡେମିକ ବର୍ଷାର ଡ. ଫକୀର ପ୍ରଧାନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ୟୁଥ ରେଡକ୍ରସ କାଉନସେଲର ଅଧ୍ୟାପକ ସରୋଜକାନ୍ତ ନାୟକ, ରଞ୍ଜନ ବେହେରା, ଶୁଭାଶିଷ ମିଶ୍ର, ଜିତେନ୍ଦ୍ର ମଲ୍ଲିକ, ଅମିତ ସାହୁ ଓ ଶୁଚିସ୍ମିତା ବିଶ୍ୱାଳ ପରିଚାଳନା କରିଥିଲେ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର: ୩୧୫ ନାମ ପଞ୍ଜୀକୃତ

ରଘୁନାଥପୁର, ୫।୧୦ (ରାଜେନ୍ଦ୍ର ନାରାୟଣ ସିଂହ)

ବିରିଡି ବ୍ଲକ ପରିସରରେ ଶନିବାର ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ବିଜୟକୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା କନିଷ୍ଠ ସହକାରୀ ଅଧିକାରୀ ବିଶ୍ୱଜିତ ବିଶାଳ ସଂଯୋଜନା କରିଥିଲେ। ବିଧାୟକ ପ୍ରଫେସର ରମାକାନ୍ତ ଭୋଇ ଏହାକୁ ଉଦ୍‌ଘାଟନ କରିଥିଲେ। ତାଙ୍କ ସହ ବ୍ଲକ ଅଧ୍ୟକ୍ଷା ମମତା ପାତ୍ର, ଜିଲା ପରିଷଦ ସଭ୍ୟା ଦୀପ୍ତିମୟୀ ରାୟ , ସଭ୍ୟ


ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

ଚନ୍ଦ୍ରଶେଖର ଦଶ , ବିଡିଓ ବିଜୟକୁମାର ବେହେରା ସାମିଲ ହୋଇଥିଲେ। ଶିବିରରେ ମୋଟ ୩୧୫ ହିତାଧିକାରୀଙ୍କ ନାମ ନାମ ପଞ୍ଜୀକରଣ ହୋଇଥିଲା। ଏଥିରେ ବିଭିନ୍ନ ବିଭାଗର ଡାକ୍ତରମାନେ ଯୋଗଦେଇ ରୋଗୀ ଚିହ୍ନଟ କରିଥିଲେ। ବିଜୟକୁମାର ରାଣା , ପ୍ରଫୁଲ କୁମାର ସ୍ୱାଇଁ ଓ ସସ୍ମିତା ଓଝା ଏଥିରେ ସହଯୋଗ କରିଥିଲେ।

## ହରିପୁର ପୂଜା ମଣ୍ଡପ ନିକଟରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବାଧକ

- ମୁକୁଳା ଟ୍ରାନ୍ସଫର୍ମରକୁ ଅନ୍ୟତ୍ର ଉଠାଇବାକୁ ଦାବି
- ଶ୍ରଦ୍ଧାଳୁଙ୍କ କ୍ଷେତ୍ରରେ ଅଘଟଣ ଘଟିଲେ ଦାୟୀ ରହିବେ କିଏ

ପାଟକୁରା,୫।୧୦ (ରବୀନ୍ଦ୍ର ନାଥ ବାରିକ)


ପୂଜା ମଣ୍ଡପ ନିକଟରେ ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫର୍ମର।

ଦଶହରାକୁ ଆଉ ମାତ୍ର କେଇଟା ଦିନ ବାକି ରହିଲା। ମା'ଙ୍କ ଧରାବତରଣ ପାଇଁ ଗରଦପୁର ବ୍ଲକର ସବୁ ପୂଜା ମଣ୍ଡପ ସଜେଇ ହେବାକୁ ଲାଗିଲାଣି। ହେଲେ ହରିପୁର ଗ୍ରାମର ମା' ସିଂହବାହିନୀ ଦୁର୍ଗା ପୂଜା ମଣ୍ଡପ ସଜେଇ ହେଉଥିଲେ ବି ମଣ୍ଡପ ନିକଟରେ ଥିବା ୨ଟି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଦୀର୍ଘବର୍ଷ ଧରି ବାଧକ ସାଜିଛି। ପୂଜା ମଣ୍ଡପ ନିକଟରେ ମୁକୁଳା ଭାବେ ୨ଟି ଟ୍ରାନ୍ସଫର୍ମର ଥିବାରୁ ପ୍ରତି ମୁହୂର୍ତ୍ତରେ ବିପଦ ରହିଛି। ଉକ୍ତ ମୁକୁଳା ଟ୍ରାନ୍ସଫର୍ମରକୁ ନେଇ କମିଟି ସଦସ୍ୟଙ୍କ ମନୋବଳ ଭାଙ୍ଗିଯିବା ସହ ଆଶଙ୍କା ସୃଷ୍ଟି ହୋଇଛି। ଏହି ପୂଜା ମଣ୍ଡପକୁ ଦୈନିକ ହଜାର ହଜାର ଶ୍ରଦ୍ଧାଳୁ ଆସି ମା' ସିଂହବାହିନୀ ଦୁର୍ଗାଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିଥାନ୍ତି। ହେଲେ କେତେବେଳେ ଯେ ଦୁର୍ଘଟଣା ଘଟିବ ସେନେଇ କମିଟି କର୍ମକର୍ତ୍ତାମାନେ ଏବେ ବିଚଳିତ ଅବସ୍ଥାରେ ରହିଛନ୍ତି। ଯଦି କୌଣସି ଦୁର୍ଘଟଣା ଘଟେ ଏଥିପାଇଁ କିଏ ଦାୟୀ ରହିବ ସେନେଇ ମଧ୍ୟ ସଂଶୟ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବାରମ୍ବାର ବିଦ୍ୟୁତ୍ ବିଭାଗକୁ ଜଣାଇବା ସହ ନିକଟରେ ଥିବା ଉକ୍ତ ବିଭାଗର ଅଧିକାରୀଙ୍କୁ ଅବଗତ କରାଇଥିଲେ ବି କୌଣସି ସୁଫଳ ମିଳିନାହିଁ। ତେବେ କମିଟି ଅଭିଯୋଗ ଅନୁଯାୟୀ, ଉକ୍ତ ୨ ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ ଅନ୍ୟତ୍ର ଉଠାଇ ନିଆଯାଉ। ଏହାଛଡ଼ା ପୂଜା ମଣ୍ଡପ ନିକଟରେ ଥିବା ବିଭିନ୍ନ ଏଲଟି ତାରକୁ ମଧ୍ୟ କାଢ଼ି ନିଆଗଲେ ଜନଜୀବନ ପ୍ରଭାବିତ ହେବ ନାହିଁ। ତୁରନ୍ତ ଟ୍ରାନ୍ସଫର୍ମରକୁ ଅନ୍ୟତ୍ର ନେବା ପାଇଁ କମିଟି ସଦସ୍ୟ ବିଜୟ କୁମାର ଷଡଙ୍ଗୀ, ରମେଶ ଚନ୍ଦ୍ର ଦାସ, ସରୋଜକାନ୍ତ ନାୟକ ପ୍ରମୁଖ ଦାବି କରିଛନ୍ତି। ଯଦି କୌଣସି ଦୁର୍ଘଟଣା ଘଟେ ଏଥିପାଇଁ ବିଦ୍ୟୁତ ବିଭାଗ ଦାୟୀ ରହିବ ବୋଲି ଚେତାବନୀ ଦେଇଛନ୍ତି।

# ଆଧାର ସଂଶୋଧନ ପାଇଁ ବିଳମ୍ବିତ ରାତିରୁ ଲୋକଙ୍କ ଧାଡ଼ି

ରାଜନଗର,୫।୧୦(ଭାସ୍କର ରାଉତରାୟ)

ରାଜ୍ୟ ସରକାରଙ୍କ ପକ୍ଷରୁ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ଅର୍ଥ ଆସନ୍ତା ୯ ତାରିଖରେ ପ୍ରଦାନ କରାଯିବ। ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଏ ସମ୍ପର୍କରେ ସୂଚନା ଦେବା ପରେ ମହିଳାଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍କଣ୍ଠା ପ୍ରକାଶ ପାଇଛି। ସରକାରଙ୍କ ଦ୍ୱାରା ଦିଆଯାଇଥିବା ପ୍ରଥମ କିସ୍ତି ଅର୍ଥରୁ ବଞ୍ଚିତ ଥିବା ମହିଳାମାନେ ସେମାନଙ୍କ ଆଧାରରେ ରହିଥିବା ତ୍ରୁଟିକୁ ସଂଶୋଧିତ କରିବା ପାଇଁ ରାଜନଗର ବ୍ଲକ ଆଧାର କେନ୍ଦ୍ରରେ ଲମ୍ବା ଲାଇନ ଲଗାଉଥିବା ଦେଖିବାକୁ ମିଳୁଛି। ରାତି ୩ରୁ ରାଜନଗର ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ମହିଳାମାନେ ଟୋକନ ସଂଗ୍ରହ ପାଇଁ ଲମ୍ବା ଲାଇନ ଲଗାଇଥିଲେ। ଆଧାରକେନ୍ଦ୍ରରୁ ରାଜନଗର ବଜାର ପର୍ଯ୍ୟନ୍ତ ମହିଳାଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ରାଜନଗର ବ୍ଲକର ଗୋବିନ୍ଦପୁର ଗ୍ରାମର ସରସ୍ୱତୀ ସାହୁ, ଘଡିଆମାଳ ପଞ୍ଚାୟତର ଦାରୁଓରା ଗ୍ରାମର ଗଦାଧର ରାଉତ, ସାତଭାୟା ଥାଇଥାନସ୍ଥଳୀରୁ କୁବେର ବେହେରା, ବେଲପାଳର ବିଘ୍ନେଶ୍ୱର ବାରିକ ପ୍ରମୁଖ କହିଛନ୍ତି, ଆମେ ରାତି ୩ଟାରୁ ଆସି ଏଠାରେ ଲାଇନରେ ରହିଛୁ। ଆଧାର ସଂଶୋଧନ ପାଇଁ ଆସିଛୁ।


ଆଧାର ସଂଶୋଧନ ପାଇଁ କେନ୍ଦ୍ର ସମ୍ମୁଖରେ ଲାଗିଥିବା ଧାଡ଼ି।

## ସଂକ୍ଷେପରେ

### ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ନବାଗତଙ୍କୁ ସ୍ୱାଗତ

ଖଣ୍ଡପଡ଼ା,୫।୧୦(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟର ଯୁକ୍ତ ୩ ରାଜନୀତି ବିଜ୍ଞାନ ବିଭାଗର ପ୍ରଥମ ବର୍ଷ ସମ୍ମାନରେ ଯୋଗଦେଇଥିବା ନବାଗତ ଛାତ୍ରୀଛାତ୍ରଙ୍କୁ ୨ୟ ଓ ଶେଷ ବର୍ଷର ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ଶନିବାର ଏକ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ରବି ନାରାୟଣ ସାହୁ ଉତ୍ସବରେ ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ବଳରାମ ସାହୁ, ମୁଖ୍ୟବକ୍ତା ଭାବେ ଇଂଲିଶ ବିଭାଗର ମୁଖ୍ୟ ଭାଗିରଥି ମହାରଣା ଓ ସମ୍ମାନୀତ ଅତିଥି ଭାବେ ସଂସ୍କୃତ ବିଭାଗର ବରିଷ୍ଠ ଅଧ୍ୟାପକ ରବିନ୍ଦ୍ର କୁମାର ଦାଶ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଶିକ୍ଷାର ମହତ୍ୱ ଉପସ୍ଥାପନା କରିଥିଲେ । ଶିକ୍ଷା ମଣିଷ ଭିତରେ ଆତ୍ମ ବିଶ୍ୱାସ ସୃଷ୍ଟି କରେ ବୋଲି ସେ କହିଥିଲେ । ଅଧ୍ୟାପିକା ନମିତା ବେହେରା, ଅଧ୍ୟାପକ ମାନସ କୁମାର ସାହୁ ଓ ଚିତ୍ତରଞ୍ଜନ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ରାଜନୀତି ବିଜ୍ଞାନ ସମ୍ମାନ ଶ୍ରେଣୀର ଶେଷ ବର୍ଷର ଛାତ୍ରୀ ପ୍ରୀତିପ୍ରଜ୍ଞା ନାୟକ ଧନ୍ୟବାଦ ଦେଇଥିଲେ ।

### ୮ରେ ଖଣ୍ଡପଡ଼ା ବ୍ଲକ୍‌ସ୍ତରୀୟ ସୁରଭି

ଖଣ୍ଡପଡ଼ା,୫।୧୦(ଅଜୟ କୁମାର ମହାରଣା)

ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଖଣ୍ଡପଡ଼ା ବ୍ଲକ୍ ଅଧୀନ ବେଣାଗାଡିଆ ଗ୍ରାମ ସାତଗାଁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟ ପରିସରରେ ଆସନ୍ତା ୮ ତାରିଖ ମଙ୍ଗଳବାର ଅନୁଷ୍ଠିତ ହେବ । ଖଣ୍ଡପଡ଼ା ବ୍ଲକ୍ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏ ନେଇ ନିଷ୍ପତ୍ତି ନିଆଯାଇଛି । ଏନେଇ ଆୟୋଜିତ ପ୍ରସ୍ତୁତି ବୈଠକରେ ୧୧ କ୍ଲଷ୍ଟରର ସିଆରସିସି, ଶିକ୍ଷୟିତ୍ରୀଶିକ୍ଷକମାନେ ଉପସ୍ଥିତ ଥିଲେ ।

### ଖାଲି ହାତରେ ଫେରିଲା ଅବକାରୀ ଟିମ୍

ଖଣ୍ଡପଡ଼ା,୫।୧୦(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ସିଂଘାପଡା ପଞ୍ଚାୟତ ଅଧୀନ ବରଗଣ୍ଡ ମୌଜାସ୍ଥିତ ବିଜୟ କୁମାର ସ୍ୱାଇଁଙ୍କ ଫାର୍ମ ହାଉସରେ ଦେଶୀ ରନ୍ଧା ମଦ ପ୍ରସ୍ତୁତ ହେଉଥିବା ନେଇ କୌଣସି ସୂତ୍ରରୁ କେନ୍ଦ୍ରୀୟ ଅବକାରୀ ଗୁଇନ୍ଦା ସଂସ୍ଥାକୁ ସୂଚନା ମିଳିଥିଲା । ଏଥିପାଇଁ ଅବକାରୀ ଟିମ୍‌ର ୨୦ରୁ ଊର୍ଦ୍ଧ୍ୱ ସଦସ୍ୟ ଭୋର ସମୟରେ ସେଠାରେ ଅଚାନକ ଚଢ଼ାଉ କରିଥିଲେ । ୨ ଘଣ୍ଟା ଧରି ଫାର୍ମ ହାଉସ ପରିସରରେ ଅବକାରୀ ଟିମ୍ ତଦନ୍ତ କରି କିଛି ପାଇ ନ ଥିଲା । ଏହାପରେ ଏହି ଟିମ୍ ଖାଲି ହାତରେ ଫେରିଥିବା ଚର୍ଚ୍ଚାର ବିଷୟ ହୋଇଛି । ଅବକାରୀ ଟିମ୍ ଚଢ଼ାଉ କରୁଥିବା ଖବର ପାଇବା ପରେ ସ୍ଥାନୀୟ ଲୋକମାନେ ସେଠାରେ ଭିଡ଼ ଜମାଇଥିଲେ । ହେଲେ ଘଟଣା ସ୍ଥଳରୁ କିଛି ନ ପାଇଁ ଫେରିବା ପରେ ଏହି ଚଢ଼ାଉ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଥିଲା ବୋଲି ଫାର୍ମ ହାଉସ ମାଲିକ କହିଛନ୍ତି ।

### ପ୍ରକୃତି ମିତ୍ର,୫ ପ୍ରକୃତି ବନ୍ଧୁ ପୁରସ୍କାର

ନୟାଗଡ଼,୫।୧୦(ଲୋକନାଥ ମିଶ୍ର)

ଜିଲା ପରିଷଦର ସମ୍ମିଳନୀ କକ୍ଷରେ ଶନିବାର ଆୟୋଜିତ ବନ୍ୟପ୍ରାଣୀ ସପ୍ତାହରେ ୪ ପ୍ରକୃତି ମିତ୍ର ଓ ୫ ପ୍ରକୃତି ବନ୍ଧୁଙ୍କୁ ପୁରସ୍କୃତ କରାଯାଇଛି । ନୂଆଗାଁ ବ୍ଲକ ଡାକଡ଼ୋଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଓଡ଼ଗାଁ ବ୍ଲକର ବାଉଁଶଗାଡିଆ ଭୀମସେନ କୃଷି ନୋଡାଲ ବିଦ୍ୟାପୀଠ, ଦଶପଲ୍ଲା ବ୍ଲକ ନଛିପୁର ସରକାରୀ ଅପଗ୍ରେଡେଡ ହାଇସ୍କୁଲ, ଖଣ୍ଡପଡ଼ା ବ୍ଲକ ଯୋଗିଆପଲ୍ଲୀ ସରକାରୀ ଅପଗ୍ରେଡେଡ ହାଇସ୍କୁଲକୁ ପ୍ରକୃତି ମିତ୍ର ପୁରସ୍କାର ମିଳିଛି । ସେହିଭଳି ଓଡଗାଁ ବ୍ଲକ ଗୋଡିପଡା ମହନ୍ତସାହିର ରବୀନ୍ଦ୍ର କୁମାର ମହାପାତ୍ର ଓ ଫାସିପଲ୍ଲୀ ଗାଁର ପରମାନନ୍ଦ ସ୍ୱାଇଁ, ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ୍ ମକୁନ୍ଦପୁର ଗାଁର ବିଜୟ କୁମାର ସେଠୀ, ନୂଆଗାଁ ବ୍ଲକ୍ ନିଳାଦ୍ରୀପୁରର ସତ୍ୟ ନାରାୟଣ ସାହୁ, ଭାପୁର ବ୍ଲକ ବାଇଗୁଣିଆ ପଞ୍ଚବଟୀ ଆଶ୍ରମର ପଣ୍ଡିତ ଲକ୍ଷ୍ମୀଧର ବ୍ରହ୍ମା ଅନୁରୂପ ଭାବେ ପ୍ରକୃତି ବନ୍ଧୁ ପୁରସ୍କାର ପାଇଛନ୍ତି ।

# ଯକ୍ଷ୍ମା ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ

## ଟିକାର ପାର୍ଶ୍ୱ ପ୍ରତିକ୍ରିୟା ଭୟ ନାହିଁ

ନୟାଗଡ଼,୫।୧୦(ଲୋକନାଥ ମିଶ୍ର)

ପ୍ରାପ୍ତ ବୟସ୍କଙ୍କ ନିମନ୍ତେ ଯକ୍ଷ୍ମା ପ୍ରତିଷେଧକ ସତନ୍ତ୍ର ବିସିଜି ଟୀକାକରଣ କାର୍ଯ୍ୟକ୍ରମକୁ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରମାକାନ୍ତ ପଣ୍ଡାଙ୍କ ଦ୍ୱାରା ଶନିବାର ଶୁଭାରମ୍ଭ ହୋଇଯାଇଛି । ଜିଲାରେ ୧ ଲକ୍ଷ ୬୯ ହଜାର ଜଣ ଟୀକା ନେବାପାଇଁ ସର୍ଭେ ହୋଇଛି। ସୋମ, ମଙ୍ଗଳ, ଗୁରୁବାର ଓ ଶନିବାର ଟୀକା ଦିଆଯିବ। ଡାହାଣ ହାତରେ ଟୀକା ଦିଆଯିବ । ଯକ୍ଷ୍ମାରୋଗକୁ କମ କରିବା ଓ ଅକାଳ ମୃତ୍ୟୁକୁ ରୋକିବା ପାଇଁ ଟୀକା ପ୍ରଭାବଶାଳୀ ଭୂମିକା ଗ୍ରହଣ କରିବ ବୋଲି କୁହାଯାଇଛି । ଏହି ଟୀକା ନେଇଥିବା ଅଙ୍ଗରେ ସାମାନ୍ୟ ଦରଜ, ଫୁଲା ଓ ନାଲି ପଡିବା ଭଳି କିଛି ଅତି ସାଧାରଣ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇପାରେ। ଯାହା ଆପେ ଆପେ ଭଲ ହୋଇଯାଇଥାଏ । ଏଥିପାଇଁ କୌଣସି ଚିକିତ୍ସା ଦରକାର ପଡିବ ନାହିଁ ବୋଲି ଜିଲା ଯକ୍ଷ୍ମା ଅଧିକାରୀ ଡାକ୍ତର ଶରତ କୁମାର ଦାଶ ମତବ୍ୟକ୍ତ କରିଛନ୍ତି ।



ଟୀକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ ଉତ୍ସବରେ ଯୋଗଦେଇଥିବା ଅତିଥି।

ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ଚିକିତ୍ସା ଅଧିକାରିଣୀ ଡାକ୍ତର ବୀଣାପାଣି ନନ୍ଦ, ଡାକ୍ତର ରଞ୍ଜିତା ନାୟକ, ଡାକ୍ତର ଅଜୟ କୁମାର ବାହିନୀପତି ପ୍ରମୁଖ ଉପସ୍ଥିତ ରହି ମାର୍ଗଦର୍ଶନ କରିଥିଲେ । ସୂଚନା ଅନୁଯାୟୀ, ୧୮ ବର୍ଷ ବା ତଦୁର୍ଦ୍ଧ ଓ ୬୦ ବର୍ଷରୁ କମ ପ୍ରାପ୍ତବୟସ୍କ, ପୂର୍ବରୁ ଯକ୍ଷ୍ମାରୋଗମୁକ୍ତ ହୋଇଥିବା ବ୍ୟକ୍ତି, ବର୍ତ୍ତମାନ ଯକ୍ଷ୍ମାରୋଗୀଙ୍କ ନିକଟ ସମ୍ପର୍କୀୟ ସମସ୍ତ ବ୍ୟକ୍ତି, ମଧୁମେହ ଆକ୍ରାନ୍ତ ବ୍ୟକ୍ତି, ଧୂମପାନ କରୁଥିବା ବ୍ୟକ୍ତି ତଥା କୁପୋଷଣ ଶିକାର ହୋଇଥିବା ବ୍ୟକ୍ତିମାନେ ସ୍ୱାସ୍ଥ୍ୟ ଅଭିଯାନ ଚାଲୁଥିବା ସମୟରେ ଟୀକାକରଣ କେନ୍ଦ୍ରରେ ଏହି ଟୀକା ବିନାମୂଲ୍ୟରେ ନେଇପାରିବେ। ଗର୍ଭବତୀ ବା ସ୍ତନ୍ୟପାନ କରାଉଥିବା ମହିଳା, ଏଚ୍‌ଆଇଭି ଆକ୍ରାନ୍ତ, ରୋଗ ପ୍ରତିରୋଧକ ଶକ୍ତି ନ ଥିବା ବା ରୋଗ ପ୍ରତିରୋଧକ ଶକ୍ତି ହ୍ରାସକାରକ ଔଷଧ ସେବନ କରୁଥିବା, ଅଙ୍ଗ ପ୍ରତିରୋପଣ ହୋଇଥିବା ଅଥବା ଦୂରାରୋଗ୍ୟ ବ୍ୟାଧିରେ ଦୀର୍ଘ ଦିନ ଧରି ପୀଡ଼ିତ ଥିବା ବ୍ୟକ୍ତିମାନଙ୍କୁ ଏହି ଟୀକା ନେବାକୁ ବାରଣ କରାଯାଉଛି । ଅଧିକ ଜାଣିବା ପାଇଁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ଅଥବା ଦେୟମୁକ୍ତ ହେଲ୍ପଲାଇନ ନମ୍ବର ୧୮୦୦୧୧୬୬୬୬ରେ ଯୋଗାଯୋଗ କରିପାରିବେ । ବୟସ୍କବ୍ୟକ୍ତିଙ୍କଠାରେ ରୋଗ ପ୍ରତିରୋଧକ କ୍ଷମତା ବଢାଇବା ଉଦ୍ଦେଶ୍ୟରେ ଏହି ସ୍ୱତନ୍ତ୍ର ବିସିଜି ଟୀକାକରଣ କାର୍ଯ୍ୟକ୍ରମର ଲାଭ ଉଠାଇବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି । ଜିଲା ଟିବି ସଂଯୋଜକ ରୁଦ୍ର ପ୍ରସାଦ ଜେନା, ଭାରପ୍ରାପ୍ତ ଜିଲା ପରିଚାଳକ କିଶୋର ଚନ୍ଦ୍ର ଦାଶ, ବରିଷ୍ଠ ଚିକିତ୍ସା ତଦାରଖକାରୀ ଦୀପକ କୁମାର ଦଳବେହେରା, ଆଶୁତୋଷ ସାମନ୍ତସିଂହାର, ଦିଲୀପ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଓଡ଼ଗାଁରେ ବନ୍ୟପ୍ରାଣୀ ସପ୍ତାହ ପାଳିତ



ବନ୍ୟପ୍ରାଣୀ ସପ୍ତାହ କାର୍ଯ୍ୟକ୍ରମରେ ଆୟୋଜିତ ସଚେତନତା ଶୋଭାଯାତ୍ରା।

ଓଡ଼ଗାଁ,୫।୧୦(ଆଦର୍ଶ କୁମାର ପଟ୍ଟନାୟକ )

ନୟାଗଡ଼ ଜିଲା ବନଖଣ୍ଡ ଓଡ଼ଗାଁ ବନାଞ୍ଚଳ କାର୍ଯ୍ୟାଳୟ ଦ୍ୱାରା ଶନିବାର ୭୦ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି । ବନାଞ୍ଚଳ ଅଧିକାରୀ ନିଖିଲେଶ ମଲିକ ଏବଂ ବନପାଳ ସରିତା ବରାଳଙ୍କ ନେତୃତ୍ୱରେ ବନରକ୍ଷୀ ସୌମ୍ୟରଞ୍ଜନ ଦଳେଇ, ଦିପ୍ତିମୟୀ ରାଉତ, ଉଦ୍ଧବ ପ୍ରଧାନ, ମାନସ ରଞ୍ଜନ ମିଶ୍ର, ଦିଲ୍ଲୀପ କୁମାର ପ୍ରଧାନ, ସୁନିଲ କୁମାର ନାଏକ, ବିଶ୍ୱଜିତ ସାମନ୍ତରାୟ ଏବଂ ପ୍ରୋଟେକସନ ସ୍କ୍ୱାର୍ଡ ସହିତ ଓଡ଼ଗାଁ ରାଧାକାନ୍ତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ସରକାରୀ ମଧ ଇଂରାଜୀ ବିଦ୍ୟାଳୟର ଗାଇଡ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହିତ ବହୁସଂଖ୍ୟାରେ ଛାତ୍ରୀଛାତ୍ର ମିଳିତ ଭାବେ ବନାଞ୍ଚଳ କାର୍ଯ୍ୟାଳୟ ଠାରୁ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ସଚେତନତା ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ରଘୁନାଥ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚି ଥିଲେ। ସେଠାରେ ପଥପ୍ରାନ୍ତ ସ୍ଲୋଗାନ ଦେଇ ପୁଣି ଲକ୍ଷ୍ମୀ ବଜାର ଦେଇ ବନାଞ୍ଚଳ କାର୍ଯ୍ୟାଳୟକୁ ଫେରିଥିଲେ । ଏନେଇ ଶୁକ୍ରବାର ଦିନ ରାଧାକାନ୍ତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଏବଂ ସରକାରୀ ମଧ ଇଂରାଜୀ ବିଦ୍ୟାଳୟରେ ବନ୍ୟପ୍ରାଣୀ ସୁରକ୍ଷା ସମ୍ପର୍କିତ ସାଧାରଣ ଜ୍ଞାନ (କୁଇଜ) ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାଳିକା ଉଚ୍ଚ ବିଦ୍ୟାଳୟର ୯୦ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ଏବଂ ସରକାରୀ ମଧ ଇଂରାଜୀ ବିଦ୍ୟାଳୟର ୨୫ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ପୃଥକ ପୃଥକ ଭାବେ ୧ମ, ୨ୟ ଏବଂ ୩ୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

# ପାର୍ବଣରେ ଡିଜେ କଟକଣା, ନିଶାଦ୍ରବ୍ୟକୁ ବାରଣ

ଖଣ୍ଡପଡ଼ା,୫।୧୦(ଅଜୟ କୁମାର ମହାରଣା)

ଆସନ୍ତା ୯ ତାରିଖରେ ଜଗତଜନନୀ ମା'ଦୁର୍ଗାଙ୍କର ଶାରଦୀୟ ପୂଜା ଆରମ୍ଭ ଅନୁଷ୍ଠିତ ହେବ । ଏହି ପୂଜା ଓ ପାରମ୍ପରିକ ଭସାଣି ପର୍ବ ଅନୁଷ୍ଠିତ ହେବ । ଏହି ପାର୍ବଣ ଓ ଭସାଣି ଉତ୍ସବ କିପରି ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହେବ ସେ ସମ୍ପର୍କରେ ଖଣ୍ଡପଡ଼ା ପୋଲିସ ପକ୍ଷରୁ ଶନିବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଏସ୍‌ଡିପିଓ ବିମଳକୁମାର ବାରିକ, ଖଣ୍ଡପଡ଼ା ଥାନାଧିକାରୀ ନିହାର ରଞ୍ଜନ ମହାନ୍ତି ଓ କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶ ପ୍ରମୁଖ ଖଣ୍ଡପଡ଼ା ଥାନା ପରିସରରେ ଶନିବାର ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ବିଭିନ୍ନ ପରାମର୍ଶ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଗଣମାଧ୍ୟମର ପ୍ରତିନିଧି, ପୂଜା କମିଟିର କର୍ମକର୍ତ୍ତା, ଟେଂଟ ହାଉସ ମାଲିକ ମାନେ ଯୋଗଦେଇଥିଲେ । ପୂଜା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ । ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଡ଼ିଜେ ଉପରେ କଟକଣା ଲାଗୁ କରାଯାଇଛି । ପୋଲିସଠାରୁ ଆବଶ୍ୟକ ଅନୁମତି ଓ ପରାମର୍ଶ ନେଇ ଟେଣ୍ଟ ହାଉସ ମାଲିକମାନେ ଡ଼ିଜେ ବ୍ୟବହାର କରିବାକୁ ସୂଚନା ଦିଆଯାଇଥିଲା।




ପାର୍ବଣକୁ ଆଖି ଆଗରେ ରଖି ପୋଲିସ ପକ୍ଷରୁ ଆୟୋଜିତ ବୈଠକ।

ସେହିପରି ପାର୍ବଣ ଅବସରରେ ଖଣ୍ଡପଡ଼ା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯିବ । ନିଶାଦ୍ରବ୍ୟର ଅବାଧ କାରବାର ଉପରେ କଟକଣା କଡାକଡି କରାଯାଇଛି ବୋଲି ଥାନାଧିକାରୀ ସୂଚନା ଦେଇଥିଲେ । ଏପରି କି ନୟାଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ଏସ୍ ସୁଶ୍ରୀ ପାର୍ବଣ ଋତୁରେ ନିଶାଦ୍ରବ୍ୟକୁ ସମ୍ପୂର୍ଣ୍ଣ ରୁପେ ବାରଣ କରିଛନ୍ତି ବୋଲି ପୋଲିସ ଅଧିକାରୀମାନେ କହିଛନ୍ତି । ସେହିପରି ପୂଜା କମିଟିର ସଦସ୍ୟ, ଗଣ ମାଧ୍ୟମର ପ୍ରତିନିଧି ଓ ସ୍ୱେଚ୍ଛାସେବୀମାନେ ବିଭିନ୍ନ କ୍ଷେତ୍ରରେ ପୋଲିସକୁ ସହଯୋଗ କରିବାକୁ ଥାନାଧିକାରୀ ନିବେଦନ କରିଥିଲେ । ଏସ୍‌ଆଇ ଉପେନ୍ଦ୍ର ଦିଗଲ ଧନ୍ୟବାଦ ଦେଇଥିଲେ ।

# ବାଇକ୍ ଧକ୍କାରେ ମାଈଁ ଭଣଜା ଗୁରୁତର

ଓଡ଼ଗାଁ, ୫।୧୦(ଆଦର୍ଶ କୁମାର ପଟ୍ଟନାୟକ )

ନୟାଗଡ଼ ଜିଲା ଓଡ଼ଗାଁ ମନ୍ଦିର ରୋଡ଼ରେ ଶନିବାର ରାତି ସାଢ଼େ ଆଠଟା ବେଳେ ବାଇକ୍ ଧକ୍କାରେ ମାଈଁ ଏବଂ ଭଣଜା ଗୁରୁତର ହୋଇଛନ୍ତି। ସେମାନଙ୍କୁ ଓଡ଼ଗାଁ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ନୟାଗଡ଼ ସ୍ଥାନାନ୍ତର କରାଯାଇଛି। ଆହତ ଭଣଜା ରୋହିବାଙ୍କ ପଞ୍ଚାୟତ ଭଗବତୀ ପ୍ରସାଦର ଜିତୁ ନାୟକ(୨୭)। ଭଣଜା ସେ ନିଜ ମାଈଁ ବବି ରାଉତଙ୍କୁ ସ୍କୁଟି(ନଂ.ଓଡି୨୫ ପି୨୪୮୮) ବସାଇ ରଘୁନାଥ ମନ୍ଦିରରୁ ଘରକୁ ଫେରୁଥିଲେ । ବିପରୀତ ଦିଗରୁ ଆସୁଥିବା ଓଡ଼ଗାଁ ଦଳକସାହିର କବିରାଜ ନାୟକଙ୍କ ବାଇକ୍(ନଂ.ଓଡି ୨୫ବି୦୩୩୬) ତାଙ୍କୁ ସ୍କୁଟିକୁ ଧକ୍କା ଦେଇଥିଲା । ଫଳରେ ସ୍କୁଟି ଚାଳକ ଜିତୁ ଏବଂ ମାଈଁ ବବି ରାସ୍ତାରେ ଛିଟିକି ପଡ଼ିଥିଲେ ।ଗୁରୁତର ଅବସ୍ଥାରେ ଉଭୟଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ସ୍କୁଟି ଓ ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛି ।

# ଗୀତା ଶ୍ଳୋକ ଆବୃତ୍ତି ପ୍ରତିଯୋଗିତା



ନୟାଗଡ଼,୫।୧୦(ଲୋକନାଥ ମିଶ୍ର)

ଚିନ୍ମୟ ମିଶନ, ନୟାଗଡ଼ ଶାଖା ପକ୍ଷରୁ ବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଶ୍ରୀମଦ୍‌ଭାଗବତ ଗୀତା ଶ୍ଳୋକ ଆବୃତ୍ତି ପ୍ରତିଯୋଗିତା ଚଳିତ ମାସ ଶେଷ ସପ୍ତାହରେ ଆରମ୍ଭ ହେବ। ଜୁନିୟର ଏବଂ ସିନିୟର ଦୁଇଟି ବିଭାଗରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣ ପତ୍ର ସହିତ ପୁରସ୍କୃତ କରାଯିବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ଚିନ୍ମୟ ମିଶନ, ନୟାଗଡ଼ ଶାଖା ସଭାପତି ସୁରେନ୍ଦ୍ରନାଥ ମହାପାତ୍ରଙ୍କ ପୌରୋହିତ୍ୟରେ ଭାରତ ବିକାଶ ପରିଷଦ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ମିଶନ ସଂଯୋଜିକା ଶ୍ରାବଣୀ ମିଶ୍ର, ଅର୍ଥ ସଚିବ ପ୍ରଦୀପ କୁମାର ସାହୁଙ୍କ ସମେତ ସଦସ୍ୟ ପ୍ରଫୁଲ୍ଲ କୁମାର ନାୟକ, କୃପାସିନ୍ଧୁ କରଣ, ପଦ୍ମ ଚରଣ ସାହୁ, ରବୀନ୍ଦ୍ର ମହାପାତ୍ର, ସତ୍ୟରଞ୍ଜନ ଦାଶ, କୃଷ୍ଣପ୍ରିୟା ଦାଶ, ଲକ୍ଷ୍ମୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ରଣପୁର ଦେଇ ଟ୍ରେନ୍ ଚଳାଚଳ ଦାବି ଜୋର ଧରିଲା

- ନିର୍ବାଚନ ପ୍ରତିଶ୍ରୁତି ପାଳନ ପାଇଁ ପୁରୀ ଏମ୍‌ପିଙ୍କ ପ୍ରୟାସ
- ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଦିଆଗଲା ସ୍ମାରକପତ୍ର

ନୟାଗଡ଼/ ରଣପୁର,୫।୧୦
(ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)

ଖୋର୍ଦ୍ଧା ଜିଲାର କାଲୁପଡ଼ା ଘାଟରୁ ନୟାଗଡ଼ ଜିଲାର ରଣପୁର ଦେଇ ସୁନାଖଳାକୁ ରେଳ ଚଳାଚଳ ଦାବି ଜୋର ଧରିଛି । ପୁରୀ ଏମ୍‌ପି ସମ୍ବିତ୍ ପାତ୍ର ଏନେଇ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ସ୍ମାରକପତ୍ର ଦେବା ପରେ ନିର୍ବାଚନ ପ୍ରତିଶ୍ରୁତି ପାଳନ ନେଇ ପ୍ରୟାସ କରିଛନ୍ତି । ପୁରୀ ଏମ୍‌ପି ପାତ୍ରଙ୍କ ଦାବି ଅନୁସାରେ କାଲୁପଡ଼ା ଘାଟରୁ ରଣପୁର ଦେଇ ସୁନାଖଳା ଷ୍ଟେଶନକୁ ରେଳପଥ ସଂଯୋଗ କରାଗଲେ ୩୨ କିମି ରେଳପଥ ନିର୍ମାଣ କରିବାକୁ ପଡିବ । ଏହି ରେଳପଥ ହେଲେ ରଣପୁର ଓ ଆଖପାଖ ଅଞ୍ଚଳର ୧ଲକ୍ଷ ୭୨ ହଜାରରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହେବେ । ସେହିପରି ସ୍ଥାନୀୟ ଅଞ୍ଚଳର ୪୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରନ୍ତି । ଟ୍ରେନ ଚଳାଚଳ ହେଲେ କୃଷି ଉତ୍ପାଦିତ ଦ୍ରବ୍ୟ ଅନ୍ୟ ଅଞ୍ଚଳରେ ବିକ୍ରିବଟା କରିବା ସୁବିଧା ହେବ । କୃଷକଙ୍କ ଅର୍ଥନୈତିକ ଅଭିବୃଦ୍ଧି ଘଟିବ । ସମ୍ପୃକ୍ତ ରେଳପଥ ପାଇଁ କିଛି ସମସ୍ୟା ଥିଲେ ବିକଳ୍ପ ରେଳପଥର ମଧ୍ୟ ପ୍ରସ୍ତାବ ରଖିଛନ୍ତି । ବିକଳ୍ପ ରେଳପଥ ଖୋର୍ଦ୍ଧାର ରେଳ ଷ୍ଟେଶନରୁ କାଇପଦର ଦେଇ ରଣପୁର,ଖଣ୍ଡପଡା କଣ୍ଟିଲୋ, କଟକକୁ ଅନୁରୂପ ଭାବେ କରାଯାଇପାରେ । ଏହି ରେଳପଥ ପାଇଁ ୧୩୧ କିମି ରାସ୍ତା ତିଆରି କରିବାକୁ ପଡିବ । ଅନ୍ୟପକ୍ଷେ ରଣପୁର ସରକାରୀ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଦେବୀ ପ୍ରସାଦ ସାମନ୍ତରାୟ ମଧ୍ୟ ୨ ରେଳପଥରୁ କୌଣସି ଗୋଟିଏ ରେଳପଥକୁ ନିର୍ମାଣ କରିବାକୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଅନୁରୂପ ଭାବେ ସ୍ମାରକପତ୍ର ଦେଇଛନ୍ତି । ୨୦୨୪ ସାଧାରଣ ନିର୍ବାଚନ ସମୟରେ ଭାଜପା ପ୍ରାର୍ଥୀ ପାତ୍ର ପ୍ରତିଶ୍ରୁତି ଦେଇଥିଲେ ଏମ୍‌ପି ଭାବେ ବିଜୟୀ ହେଲେ କାଲୁପଡା ଘାଟରୁ ରଣପୁର ଦେଇ ସୁନାଖଳା ରେଳ ଷ୍ଟେଶନକୁ ରେଳପଥ ସଂଯୋଗ କରାଯିବ । ନିର୍ବାଚନରେ ବିଜୟୀ ପରେ କଥା ଦେଇ କାମକୁ ଆଗେଇ ନେବା ପାଇଁ ଜୋରସୋର ଲାଗି ପଡିଛନ୍ତି । ଏମ୍‌ପିଙ୍କ ଏଭଳି ପ୍ରୟାସକୁ ରଣପୁର ଏନଏସିର ପୂର୍ବତନ ଭାଇସ ଚେୟାରମ୍ୟାନ ପ୍ରିୟବ୍ରତ ପ୍ରହରାଜ ସ୍ୱାଗତ କରିଛନ୍ତି ।

# ଯୋଗିଆପଲ୍ଲୀ ଉଚ୍ଚ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର



ଖଣ୍ଡପଡ଼ା,୫।୧୦(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍‌ସ୍ତରରେ ଏକମାତ୍ର ବିଦ୍ୟାଳୟ ଭାବେ ବ୍ଲକ୍ ଅଧୀନ ଯୋଗିଆପଲ୍ଲୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ପ୍ରକୃତିମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ନୟାଗଡ଼ଠାରେ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଯୋଗିଆପଲ୍ଲୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁ ଅତିଥିମାନଙ୍କଠାରୁ ଉକ୍ତ ପୁରସ୍କାର ଶନିବାର ଗ୍ରହଣ କରିଛନ୍ତି । ବିଦ୍ୟାଳୟର ଇକୋ କ୍ଲବ୍ ଜରିଆରେ ସବୁଜ ପରିବେଶ ସୃଷ୍ଟି କରିବା ସହ ସବୁଜ ପରିବେଶ ନିମନ୍ତେ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଏହି ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ବାରମ୍ବାର ପ୍ରେରଣା ଦେଇ ଆସିଛି । ଏହି ଶିକ୍ଷାନୁଷ୍ଠାନଟି ପୁରସ୍କୃତ ହେବା ପରେ ସମଗ୍ର ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଛି ।

# ଖଳିସାହିରେ ବନ୍ୟପ୍ରାଣୀ ସପ୍ତାହ ପାଳିତ



ଖଣ୍ଡପଡ଼ା,୫।୧୦(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବନ ବିଭାଗ ପକ୍ଷରୁ ବ୍ଲକ ଅଧୀନ ଖଳିସାହିସ୍ଥିତ ଶ୍ରୀ ନୀଳକଣ୍ଠେଶ୍ୱରଦେବ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ୭୦ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି । ଅନୁଷ୍ଠାନର ପ୍ରଧାନ ଶିକ୍ଷକ ଯୋଗୀନାଥ ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜତ କାର୍ଯ୍ୟକ୍ରମରେ ଅତିଥି ଭାବେ ଖଣ୍ଡପଡ଼ା ବନପାଳ ସନାତନ ସ୍ୱାଇଁ ଯୋଗଦେଇ ବନ୍ୟପ୍ରାଣୀ ସପ୍ତାହ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଜୈବ ବିବିଧତାର ସୁରକ୍ଷା ଓ ପରିବେଶ ସନ୍ତୁଳନ ପ୍ରକ୍ରିୟାକୁ ବଜାୟ ରଖିବାକୁ ହେଲେ ବନ୍ୟପ୍ରାଣୀଙ୍କ ପ୍ରତି ହିଂସା ଆଚରଣ ନ କରିବା, ସେମାନଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ସମସ୍ତେ ଆଗେଇ ଆସିବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ । ଏହି ଅବସରରେ ସାଧାରଣରେ ସଚେତନତା ସୃଷ୍ଟି ପାଇଁ ଛାତ୍ରୀମାନେ ଗ୍ରାମ ପରିକ୍ରମା କରି ସ୍ଥାନୀୟ ଖଳିସାହି ଗ୍ରାମବାସୀଙ୍କୁ ସଚେତନ କରିଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀ ଓ ବନ ବିଭାଗ କର୍ମଚାରୀମାନେ ମିଳିତ ହୋଇ ବିଦ୍ୟାଳୟ ପରିସରରେ ବିଭିନ୍ନ ଚାରା ରୋପଣ କରିଥିଲେ । ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ନିର୍ଦ୍ଦେଶକ୍ରମେ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ଥିବା ଖଣ୍ଡପଡା ବନାଞ୍ଚଳ ଅଧିକାରୀ ଉଦିତ କୁମାର ପ୍ରଧାନଙ୍କ ଠାରୁ ପ୍ରକାଶ ।

# ଜନବସତିରେ ଅଳିଆଗଦା

## ବରିଷ୍ଠ ନାଗରିକ, ରୋଗୀ ଓ ଶିଶୁଙ୍କ ପ୍ରତି ବଢୁଛି ସମସ୍ୟା

ଓଡ଼ଗାଁ,୫।୧୦(ଆଦର୍ଶ କୁମାର ପଟ୍ଟନାୟକ)

ଚଳିତ ବର୍ଷ ସ୍ୱଚ୍ଛ ଭାରତ ଅଭିଯାନ ୧୦ ବର୍ଷରେ ପହଞ୍ଚିଛି । ଏହି ଅବସରରେ ସ୍କୁଲ କଲେଜଠାରୁ ଆରମ୍ଭ କରି ସମସ୍ତ ସରକାରୀ ଓ ବେସରକାରୀ ଅଫିସ ଆନୁକୂଲ୍ୟରେ ଗତ ମାସ ୧୭ରୁ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ସ୍ୱଚ୍ଛତା ପକ୍ଷ ବହୁ ଆଡମ୍ବରରେ ପାଳନ କରାଯାଇଛି । ଏଥିପାଇଁ ଓଡ଼ଗାଁ ଏନ୍‌ଏସି କର୍ତ୍ତୃପକ୍ଷ ମଧ ପଛରେ ପଡିନାହିଁ । ହେଲେ ସ୍ଥାନୀୟ ଏନଏସିର ବିଭିନ୍ନ ୱାର୍ଡରେ, ଏପରି କି ସାହି ବାସିନ୍ଦାଙ୍କ ଘର ସାମ୍ନାରେ, ପରିବା ବଜାର ପ୍ରବେଶ ଦ୍ୱାର ଓ ମନ୍ଦିର ରୋଡ ବ୍ୟାଙ୍କ ସମ୍ମୁଖରେ ବର୍ଷ ବର୍ଷ ଧରି ଅଳିଆ ଗଦା ହୋଇ ରହିଛି । ଏହି ଡମ୍ପିଂୟାର୍ଡ ସମସ୍ତଙ୍କୁ ବ୍ୟଥିତ କରିଛି । ମୁଖ୍ୟତଃ ସ୍ଥାନୀୟ ସରକାରୀ ରଘୁନାଥ ବିଦ୍ୟାପୀଠ ଓ ମିନି ଷ୍ଟାଡିୟମ ସଂଲଗ୍ନ ୬ ନମ୍ବର ୱାର୍ଡ ପ୍ରବେଶ ପଥରେ ବହୁ ବର୍ଷ ଧରି ଏନ୍‌ଏସି ତରଫରୁ ଅଳିଆ ଗଦା ବା ଡମ୍ପିଂ ୟାର୍ଡ କରାଯାଇଥିବାରୁ ସାହି ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସହରରୁ ଦୈନିକ ଟ୍ରଲି ମାଧ୍ୟମରେ ସଫେଇ କର୍ମଚାରୀମାନେ ସଂଗ୍ରହ କରୁଥିବା ପଚାସଢା ଅଳିଆ ସେଠାରେ ଡମ୍ପ କରୁଛନ୍ତି । ଏହାପରେ ସେହି ଅଳିଆକୁ ଉଠାଇ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟକୁ ବହୁ ମାସ ଧରି ଉଠାଇ ନିଆଯାଉନାହିଁ । ଫଳରେ ସେଠାରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେବା ସହିତ ବୁଲା କୁକୁରଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଛି । ସାହିରେ ରହୁଥିବା ୱାର୍ଡ ବାସିନ୍ଦା, ବରିଷ୍ଠ ନାଗରିକ, ବୟୋବୃଦ୍ଧ ରୋଗୀ, ଗର୍ବବତୀ ଓ ଶିଶୁଙ୍କୁ ପ୍ରତି ଏଭଳି ଏକ ଅଘୋଷିତ ଡମ୍ପିଂ ୟାର୍ଡ ବିପଦ ସୃଷ୍ଟି କରିଛି । ୱାର୍ଡ ବାସିନ୍ଦା ଅବସରପ୍ରାପ୍ତ ଶିକ୍ଷାବିତ୍ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ଆର୍ମି ଭେଟେରାନ ସୁରେନ୍ଦ୍ର ନାଥ ସାହୁଙ୍କ ସହ ଅନ୍ୟ ବାସିନ୍ଦା ଏ ନେଇ ଏନଏସି ନିର୍ବାହୀ ଅଧିକାରୀଙ୍କୁ ଭେଟି ଜନ ବସତିରୁ ଅଳିଆ ଗଦା ଉଠାଇବାକୁ ଗୁହାରୀ କରିଛନ୍ତି । ହେଲେ ଏଥିପ୍ରତି ନିର୍ବାହୀ ଅଧିକାରୀ କିମ୍ବା ଏହି ଦାୟିତ୍ୱରେ ଥିବା ପରିମଳ ବିଶେଷଜ୍ଞ ଆଦୌ ଧ୍ୟାନ ଦେଉ ନ ଥିବା କହିଛନ୍ତି । ଫଳତଃ ସେମାନେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ନିକଟରେ ଦାବି ଉପସ୍ଥାପନ କରିବେ ବୋଲି କହିଛନ୍ତି । ଅନ୍ୟପକ୍ଷେ ବହୁ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଅତ୍ୟାଧୁନିକ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ କାହା ସ୍ୱାର୍ଥରେ ବୋଲି ଆଲୋଚନା ହେଉଛି । ଏ ସମ୍ପର୍କରେ ପରିମଳ ବିଶେଷଜ୍ଞ ବରଦାପ୍ରସଦ ଦାସଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସେ ଏନେଇ ନିର୍ବାହୀ ଅଧିକାରୀଙ୍କ ସହିତ ଆଲୋଚନା କରିବେ ବୋଲି କହିଥିଲେ । ଅନ୍ୟପକ୍ଷେ ନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁଙ୍କୁ ଏନେଇ ପଚାରିବାରୁ ଏନଏସିରେ ମେଶିନେରୀର ଅଭାବ ରହିଛି । ଏହି କାରଣରୁ ଅଳିଆ ଉଠାଇବାରେ ବିଳମ୍ବ ହେଉଛି । ତଥାପି ଏହାକୁ ଯଥାଶୀଘ୍ର ଉଠାଇବାକୁ ଯତ୍ନବାନ ହେବାକୁ ପ୍ରତିଶୃତି ଦେଇଛନ୍ତି ।



୬ ନଂ ୱାର୍ଡରେ ପଡିଥିବା ଆବର୍ଜନା।

# ପଦକ୍ଷେପ ନେବାକୁ ଖଣି ବିଭାଗର ନିର୍ଦ୍ଦେଶ

**ଯାଜପୁର,୫।୧୦(ହର୍ଷବର୍ଦ୍ଧନ ବେହେରା)**

### ଧର୍ମଶାଳା ତହସିଲ ଅଞ୍ଚଳରେ କଳାପଥର ଲୁଟ

- ପତ୍ର ଆଦାନ ପ୍ରଦାନରେ ସୀମିତ କାର୍ଯ୍ୟାନୁଷ୍ଠାନ
- ପ୍ରଶାସନର ଭୁଆଁବୁଲା ନୀତି ସନ୍ଦେହ

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳର ମୂଲ୍ୟବାନ୍ କଳାପଥର ଖାଦାନରେ ଅନୁମତିଠାରୁ ଢେର ଗୁଣ ଅଧିକ ଉତ୍ତୋଳନ ଓ ବେଆଇନ କାରବାର ଦୀର୍ଘଦିନ ହେଲା ଚାଲିଆସୁଛି। ପ୍ରଶାସନ ପକ୍ଷରୁ ସାଟେଲାଇଟ୍ ମାପଚୁପ କରି ବିଭିନ୍ନ ପର୍ଯ୍ୟାୟରେ ୧୯ ଜଣ ଲିଜ୍‌ଧାରୀଙ୍କୁ ୩୧୩ କୋଟି ଟଙ୍କା ଜରିମାନା ନିର୍ଦ୍ଦେଶ ହୋଇଛି। ହେଲେ ଏଯାଏ ଟଙ୍କାଟିଏ ବି ଆଦାୟ ହୋଇପାରିନାହିଁ। ବରଂ ବିନା ଅନୁମତିରେ ବିଛାଖଣ୍ଡି, ବରଡ଼ା, ଡଙ୍କାରୀ, ଆରୁହା ପ୍ରଭୃତି ଖାଦାନରୁ କଳାପଥର ଉତ୍ତୋଳନ ହେଉଥିବା ଅଭିଯୋଗ ହୋଇଛି। ଫଳରେ ବିଭିନ୍ନ ସମୟରେ ଶ୍ରମିକଙ୍କ ଜୀବନ ଯାଉଥିବାବେଳେ ପରିବେଶ ପ୍ରଦୂଷଣ ଉତ୍କଟ ହେଉଛି। ଏହି ମର୍ମରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ରାଜ୍ୟ ସରକାରଙ୍କ ଖଣି ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି କ୍ରମରେ ଖଣି ବିଭାଗ ପକ୍ଷରୁ ଉପସଚିବ ରାଜେଶ ପ୍ରସାଦ ନାୟକ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଜପୁର ଜିଲାପାଳ ଏବଂ ଲଘୁ ଖଣି ବିଭାଗର ନିର୍ଦ୍ଦେଶକଙ୍କୁ ପତ୍ର ଲେଖିଛନ୍ତି। ତେବେ କଳାପଥର ଲୁଟ୍ ଓ ଜରିମାନା ଦାଖଲ ସଂକ୍ରାନ୍ତରେ ଚିରାଚରିତ ଭାବେ ପତ୍ର ଆଦାନ ପ୍ରଦାନ ଜାରି ରହିଥିବାବେଳେ ବେଆଇନ ଖାଦାନ ନିୟନ୍ତ୍ରଣ କରିବା ଦିଗରେ ଏହି ପତ୍ର କେତେଦୂର କାର୍ଯ୍ୟକାରୀ ହେଉଛି ତାହା ସମୟ ହିଁ କହିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏଥିରେ ସମ୍ପୃକ୍ତ କଳାପଥର ଲୁଟେରାଙ୍କୁ ଚିହ୍ନଟ କରିବାକୁ କ୍ରାଇମବ୍ରାଞ୍ଚ ତଦନ୍ତର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଅଭିଯୋଗ ଅନୁସାରେ ଓଡ଼ିଶା ମିନେରାଲ୍ସ କନ୍‌ସେସନ ରୁଲ୍ସ-୨୦୧୬ ଏବଂ ମାଇନ୍ସ ଆଣ୍ଡ୍ ମିନେରାଲ୍ସ ଆକ୍ଟ-୧୯୫୭ର କୌଣସି ଗାଇଡ୍‌ଲାଇନ୍‌କୁ ପାଳନ କରାଯାଉ ନାହିଁ। ଫଳରେ ରାଜ୍ୟ ସରକାର ବିପୁଳ କୋଟି ଟଙ୍କା ରାଜସ୍ୱ ହରାଉଥିବା ସହ ସମ୍ପୃକ୍ତ ଅଞ୍ଚଳରେ ପରିବେଶଗତ ସମସ୍ୟା ସୃଷ୍ଟି ହେଉଛି। ଅନ୍ୟପକ୍ଷେ ଲଘୁ ଖଣିଜ ଦ୍ରବ୍ୟ ସଂଶୋଧନ ଆଇନର ଉଲ୍ଲଂଘନ ଅନୁଯାୟୀ ପରିବେଶଗତ ଅନୁମତି(ଇସି) ପ୍ରତ୍ୟାହାର ନ କରି କେବଳ କାରଣ ଦର୍ଶାଅ ନୋଟିସ ଓ ଜରିମାନାରେ ପଦକ୍ଷେପ ସୀମିତ ରହିଥିଲା। ତେଣୁ ଧର୍ମଶାଳା ତହସିଲ ଅଞ୍ଚଳର ଗ୍ରାମବାସୀ ଷ୍ଟେଟ ଏନଭାଇରନ୍‌ମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟି (ଏସ୍‌ଇଆଇଏଏ) ର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ଏସ୍‌ଇଆଇଏଏର ସଦସ୍ୟ ସଚିବ ଉପରୋକ୍ତ ଅଭିଯୋଗ ଉପରେ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଜପୁର ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ତାହା ବି ପତ୍ରରେ ସୀମିତ ରହିଥିଲା। ଏହାବାଦ ୯୦ଟି କଳାପଥର ଖାଦାନ ମଧ୍ୟରୁ ପ୍ରାୟ ୩୭ଟି ଖାଦାନକୁ ଲିଜ୍ ପ୍ରଶାସନ ଦେଇଥିବାବେଳେ ବାକି ଖାଦାନଗୁଡିକରୁ ଗତ ପ୍ରାୟ ୨ ବର୍ଷ ହେବ କଳାପଥର ଲୁଟ୍ ଜାରି ରହିଛି। ବର୍ତ୍ତମାନ ବିଛାଖଣ୍ଡିରୁ ବେଆଇନ ଉତ୍ତୋଳନ କରିବାକୁ ପମ୍ପ ଲଗାଇ ପାଣି ଶୁଖାଯାଉଛି। ବରଡ଼ା ଓ ବାରମାଣ ମଝିରେ ଥିବା ଖାଦାନରୁ ଦିନରାତି ବେଆଇନ ଲୁଟ୍ ଜାରି ରହିଛି। ଡଙ୍କାରୀର ଏକ ଖାଦାନକୁ ଲକ୍ଷ୍ମୀ ଏକ୍ସପୋର୍ଟ ଠିକାସଂସ୍ଥାକୁ ଲିଜ୍ ଦିଆଯାଇଥିବାବେଳେ ସେଠାରୁ କେତେଜଣ ମାଫିଆ ଚୋରି କରୁଛନ୍ତି। ବାଜବାଟିରେ ସ୍ଥାନୀୟ କେତେଜଣ ବ୍ୟକ୍ତି କଳାପଥର ଲୁଟ କରୁଥିବା ଦେଖାଯାଇଛି। ସେହିପରି ଆରୁହା ପାହାଡ଼ରୁ ବେଆଇନ ମାଟି ତଡ଼ାଯାଇ କ୍ରଶର ନିର୍ମାଣ ପ୍ରକ୍ରିୟା ଚାଲିଛି। ନିକଟରେ ରାହାଡ଼ପୁର ପାହାଡ଼ରେ ବେଆଇନ କଳାପଥର ଉତ୍ତୋଳନ ସମୟରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବାବେଳେ କାହା ନାମରେ ମାମଲା ରୁଜୁ ହେଲା ତାହା ଏଯାଏ ସ୍ପଷ୍ଟ ହୋଇପାରିନାହିଁ। ଏହାସହ ବେଆଇନ ବ୍ଲାଷ୍ଟିଂ ପ୍ରକ୍ରିୟା ବନ୍ଦ, ବିନା ଇଟିପିରେ ଚାଲିଥିବା କ୍ରଶର ୟୁନିଟଗୁଡ଼ିକ ଚିହ୍ନଟ ଓ ଆବଶ୍ୟକଠାରୁ ଅଧିକ କଳାପଥର ମହଜୁଦ ରଖିଥିବା କ୍ରଶର ୟୁନିଟଗୁଡ଼ିକର ଆର୍ ଏବଂ ଓ୍ୱାଇ ଫର୍ମ ଯାଞ୍ଚ ଇତ୍ୟାଦି ଉପରେ ପଦକ୍ଷେପ ନେବାକୁ ବିଧାୟକ ଦାବି କରି ଆସୁଥିଲେ ବି କୌଣସି ପଦକ୍ଷେପ ନିଆଯାଉ ନାହିଁ। ତେଣୁ ଏହି ଅବହେଳା ପଛରେ କୌଣସି ଏକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ହାତ ରହିଥିବାରୁ ବିଧାୟକଙ୍କ ଦାବି ଫଳପ୍ରଦ ହେଉନାହିଁ ବୋଲି ଅଞ୍ଚଳରେ ସନ୍ଦେହ କରାଯାଉଛି।



GOVERNMENT OF ODISHA
STEEL & MINES DEPARTMENT
*****

No. 8648 /S&M, Bhubaneswar dated 05/10/2024
SM-MC3-GV-0040-2024

From
Sri Rajesh Pradad Nayak
Deputy Secretary to Government

To
The Director Minor Minerals, Odisha
The Collector & DM, Jajpur

Sub:- Complaint Petition of Shri Himanshu Sekhar Sahoo, Hon'ble MLA, Dharmasala, regarding initiation of appropriate disciplinary and legal action against unauthorized and illegal mining and crusher units operating under Dharmasala (051) constituency causing life threatening pollution in the concerned area.

Sir,

In enclosing herewith, a copy of the communication of Hon'ble MLA Shri Himanshu Sekhar Sahoo, I am directed to request you to take necessary steps as per rules to redress the complaint Petition and submit compliance/ action taken report thereof to this Department at the earliest.

Yours faithfully,
05.10.2024
Deputy Secretary to Government

Memo No. 8649 /SM, Dt. 05/10/2024
Copy forwarded to Shri Himanshu Sekhar Sahoo, Hon'ble MLA, Dharmasala, At-Jaraka, Dharmasala, Jajpur, Odisha, PIN-755050, Email himanshudharmasala@gmail.com for kind information.
05.10.2024
Deputy Secretary to Government

Memo No. 8650 /SM, Dt. 05/10/2024
Copy along with enclosure forwarded to DDM, Jajpur/MC-III Section vide e-mail( steelminesmc3@gmail.com) for information and necessary action.
05.10.2024
Deputy Secretary to Government

SM-MC3-GV-0040-2024/01/2024

ଖଣି ବିଭାଗର ଚିଠି ।

# ୨.୨୦ କୋଟିରେ କିଣିଥିଲେ, ୮.୪୮ ଲକ୍ଷରେ ନିଲାମ



**ପାରାଦୀପ ,୫।୧୦(ଶରତ ରାଉତ)**

### ମତ୍ସ୍ୟ ବିଭାଗର ପାଟ୍ରୋଲିଂ ବୋଟ୍ 'ସି ହର୍ସ'

୨୦୨୨ରୁ ଅଚଳ ଅବସ୍ଥାରେ ଥିବା ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗର ସାମୁଦ୍ରିକ ପାଟ୍ରୋଲିଂ ବୋଟ୍ 'ଏମ୍.ଏଲ୍.ସି. ହର୍ସ'(ସାମୁଦ୍ରିକ ସମୁଦ୍ର ଘୋଡ଼ା)ଶେଷରେ ବିକ୍ରି ହୋଇଯାଇଛି। ଏହି ପାଟ୍ରୋଲିଂ ବୋଟକୁ ଅତିରିକ୍ତ ମତ୍ସ୍ୟ ଅଧିକାରୀ (ସାମୁଦ୍ରିକ)ଙ୍କ କାର୍ଯ୍ୟାଳୟ କୁଜଙ୍ଗ, ଜଗତ୍‌ସିଂହପୁର ସେପ୍ଟେମ୍ବର ୨୭ରେ ମାତ୍ର ୮ ଲକ୍ଷ ୪୮ ହଜାର ୫୫୦ ଟଙ୍କାରେ ନିଲାମ କରିଛନ୍ତି। ଏ ନେଇ ସମ୍ପୃକ୍ତ ବିଭାଗ ଅହ୍ୱାନ ନୋଟିସ (ନଂ.୧୪୩୩/୨୮।୮।୨୦୨୪)ଜାରି କରିଥିଲେ। ଆବେଦନ ଅବଧି ୧ ମାସ ରହିଥିଲା। ଏବେ ମତ୍ସ୍ୟ ବିଭାଗ ପାଖରେ ସମୁଦ୍ରରେ ପାଟ୍ରୋଲିଂ କରିବା ପାଇଁ ବୋଟ୍ ନାହିଁ। କିନ୍ତୁ ବୋଟ୍ ଚଲାଇବା ପାଇଁ ୩ଜଣ ତାଲିମପ୍ରାପ୍ତ ସରକାରୀ କର୍ମଚାରୀ ଅଛନ୍ତି। ସେମାନେ କୌଣସି କାମ ନ କରି ଦରମା ପାଉଛନ୍ତି।

ସୂଚନାଯୋଗ୍ୟ, ଉକ୍ତ ସି ହର୍ସ ବୋଟ୍ ଅଚଳ ହେବା ପରେ ଏ ସମ୍ପର୍କିତ ସବିଶେଷ ସୂଚନା ପାଇଁ ସୂଚନା ଅଧିକାରୀ ଆଇନ ଜରିଆରେ ଅତିରିକ୍ତ ମତ୍ସ୍ୟ ଅଧିକାରୀ କୁଜଙ୍ଗଙ୍କୁ ତଥ୍ୟ ମଗାଯାଇଥିଲା। ଏନେଇ ଜନସୂଚନା ଅଧିକାରୀ ଜ୍ୟୋତି ପ୍ରକାଶ ଆଚାର୍ଯ୍ୟ ଦେଇଥିବା ତଥ୍ୟ (ଚିଠି ନଂ.୩୩୦୪/୧୬।୧୧।୨୩)ଅନୁସାରେ, ଏହି ବୋଟ୍ ୨୦୦୭ ସେପ୍ଟେମ୍ବର ୨୫ରେ ପାରାଦୀପ ମାଛଧରା ବନ୍ଦର ମଧ୍ୟକୁ ଆସିଥିଲା। ସେତେବେଳେ ଏଥିପାଇଁ ୨.୨୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ୨୦୦୭ରୁ ୨୦୨୨ ପର୍ଯ୍ୟନ୍ତ ଏହି ବୋଟ୍ ୨୩୨୬ ଘଣ୍ଟା ପାଟ୍ରୋଲିଂ କରିଛି। ଏହି ସମୟ ମଧ୍ୟରେ ୩ ଥର ମରାମତି ହୋଇଛି। ଶେଷ ଥର ମରାମତି ବାବଦରେ ୨୧ ଲକ୍ଷ ୮୬ ହଜାର ୩୬୯ ଟଙ୍କା ଖର୍ଚ୍ଚ ହୋଇଛି। ଆରମ୍ଭରେ ବୋଟ୍ ପାଇଁ ୬ ଜଣ କର୍ମଚାରୀ ଥିଲେ। ଏବେ ୩ ଜଣ ଅଛନ୍ତି। ଏମିତି ଦେଖିଲେ ଉକ୍ତ ବୋଟ୍‌ପାଇଁ ୫ କୋଟିଟଙ୍କାରୁ ଅଧିକ ଖର୍ଚ୍ଚ ହୋଇଛି। ମାତ୍ର ଏହାର ବିକ୍ରି ମୂଲ୍ୟ ପ୍ରାୟ ୯ ଲକ୍ଷ ଟଙ୍କା ରହିଛି। ଏଥିରେ କିଛି ପାତର ଅନ୍ତର ହୋଇଛି ବୋଲି କୁଜଙ୍ଗ ଅଞ୍ଚଳର ଆଇନଜୀବୀ ଗତିକୃଷ୍ଣ ଶତପଥୀ କହିଛନ୍ତି । ତାଙ୍କ ମତରେ ସେ ଏହାକୁ କିଣିବା ପାଇଁ ଆଗ୍ରହୀ ଥିଲେ। ବୋଟ୍ ମୂଲ୍ୟ ବାବଦରେ ୨୦ ରୁ ୨୫ ଲକ୍ଷ ଟଙ୍କା ଦେବା ପାଇଁ ଇଚ୍ଛୁକ ଥିଲେ। କିନ୍ତୁ କେତେବେଳେ ଟେଣ୍ଡର ହୋଇ ଏତେ କମ୍ ଟଙ୍କାରେ ବିକ୍ରି ହୋଇଗଲା ତାହା ଜଣାପଡ଼ିଲା ନାହିଁ। ତେଣୁ ଏଥିରେ ଚଞ୍ଚକତା ହୋଇଥିବା ନେଇ ସେ ସନ୍ଦେହବ୍ୟକ୍ତ କରିଛନ୍ତି। କୁଜଙ୍ଗ ଅତିରିକ୍ତ ମତ୍ସ୍ୟ ଅଧିକାରୀ କାର୍ଯ୍ୟାଳୟ ଟେଣ୍ଡରରେ ଦର୍ଶାଯାଇଛି ଯେ, ବିଭାଗର ନିର୍ଦ୍ଦେଶକ କଟକଙ୍କ ଦୁଇଟି ଚିଠି (ନଂ.୧୫୮୩୮/୨୩ ଓ ୧୧୧୮/୨୪)ଅନୁସାରେ ଟେଣ୍ଡର କରାଯାଇଥିଲା। ସମ୍ପୃକ୍ତ ଟେଣ୍ଡର ଗଣମାଧ୍ୟମ ଓ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଦର୍ଶିତ ହୋଇଥିଲା। ଏ ସମ୍ପର୍କରେ କୁଜଙ୍ଗ ଅତିରିକ୍ତ ମତ୍ସ୍ୟ ଅଧିକାରୀ ତୁଷାରକାନ୍ତ ମହାପାତ୍ରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ସହକାରୀ ମତ୍ସ୍ୟ ଅଧିକାରୀ ସାମୁଦ୍ରିକ ପାରାଦୀପ ବିଜୟ କୁମାର କରଙ୍କୁ ପଚାରିଲେ କୁହନ୍ତି, ବିକ୍ରି ହୋଇଛି। କିନ୍ତୁ ସେ ଏବିଷୟରେ କିଛି କହିପାରିବେ ନାହିଁ ବୋଲି ପ୍ରକାଶ କରିଛନ୍ତି।

# ବିଧାୟକଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ

**ଚଣ୍ଡିଖୋଲ,୫।୧୦(ପ୍ରଦୀପ୍ତ କୁମାର ପୃଷ୍ଟି):**

### ଜିଲାପାଳଙ୍କ ନିର୍ଦ୍ଦେଶରେ ତଦନ୍ତ

ଯାଜପୁର ଜିଲା ବଡ଼ଚଣା ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର କିରାଣି ଜୟନ୍ତ କୁମାର ସାମଲ ଗତ ମାସରେ ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ଦେଇଥିବାର ଏକ ଅଡିଓ ଭାଇରାଲ ହୋଇଛି। ଏହାକୁ ନେଇ ବିଧାୟକଙ୍କ ସମର୍ଥକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ସେମାନେ ସମ୍ପୃକ୍ତ କିରାଣିଙ୍କ ସହିତ ପାଟିତୁଣ୍ଡ କରିଛନ୍ତି। ଏହାର ମଧ ଏକ ଭିଡିଓ ଭାଇରାଲ ହୋଇଛି। ଏହି ଘଟଣା ସମ୍ପର୍କରେ ଯାଜପୁର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଜାଣିବା ପରେ ଏକ ୫ଜଣିଆ କମିଟି କରି ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ କମିଟିରେ ବ୍ଲକ ଶିକ୍ଷା ଅଧିକାରୀ ସବିତା ସାହୁ, ବଡ଼ଚଣା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସ୍ମୃତିରଞ୍ଜନ ଆଚାର୍ଯ୍ୟ, ସତ୍ୟବାଦୀ ପଣ୍ଡା, ପ୍ରକାଶ ଚନ୍ଦ୍ର ପାଲ ଓ ନିର୍ମଳ ଚନ୍ଦ୍ର ଦଳାଇ ସାମିଲ ହୋଇଛନ୍ତି। ସେମାନେ ତଦନ୍ତ କରି ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ମାତ୍ର ତଦନ୍ତ ଆରମ୍ଭ ପୂର୍ବରୁ କିରାଣି ଛୁଟିରେ ପଳାଇ ଯାଇଥିବା ଜଣାପଡ଼ିଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏ ସମ୍ପର୍କରେ ସମ୍ପୃକ୍ତ କିରାଣିଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ଅସଦାଚରଣ ମାମଲାରେ ଦୋଷୀଙ୍କୁ ୩ ବର୍ଷ ଜେଲ

**ଯାଜପୁର ଟାଉନ,୫।୧୦ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଜଣେ ଯୁବତୀଙ୍କୁ ଅସଦାଚରଣ ମାମଲାର ଶନିବାର ରାୟ ପ୍ରକାଶ ପାଇଛି। ଯାଜପୁର ଅତିରିକ୍ତ ଦୌରାଜଜ୍ ତଥା ଆଡ୍‌ହକ ବିଚାରପତି ଶରତ କୁମାର ଦେହୁରି ମାମଲାର ବିଚାର କରି ଦୋଷୀଙ୍କୁ ୩ ବର୍ଷ ଜେଲ୍ ଦଣ୍ଡିରେ ଦଣ୍ଡିତ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୩ ଜୁଲାଇ ୧୦ ତାରିଖ ରାତିରେ ବାଲିଚନ୍ଦ୍ରପୁର ଥାନା ଅଞ୍ଚଳର ଜଣେ ଯୁବତୀ ନିଜ ବାଡ଼ିକୁ ଯାଇଥିଲେ। ଏହି ସମୟରେ ସେହି ଅଞ୍ଚଳର କରୁଣାକର ମଲ୍ଲିକ ଓରଫ ଟବୁଲୁ (୫୧) ନାମକ ବ୍ୟକ୍ତି ସମ୍ପୃକ୍ତ ଯୁବତୀଙ୍କୁ ଅସଦାଚରଣ କରିଥିଲେ। ଯୁବତୀଜଣଙ୍କ ଚିତ୍କାର କରିବାରୁ ତାଙ୍କ ବାପା ଓ ଭାଇ ଦୌଡି ଆସିଥିଲେ। ଫଳରେ ଅଭିଯୁକ୍ତ ଦୌଡ଼ି ପଳାଇଥିଲେ। ପରଦିନ ପୀଡ଼ିତାଙ୍କ ମା' ଏ ସମ୍ପର୍କରେ ବାଲିଚନ୍ଦ୍ରପୁର ଥାନାରେ ଏତଲା ଦାଏର କରିଥିଲେ। ପୋଲିସ ଏତଲାକୁ ଭିତ୍ତିକରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲାର ଚୂଡ଼ାନ୍ତ ଶୁଣାଣି କରି ବିଚାରପତି ୧୫ଜଣ ସାକ୍ଷୀଙ୍କ ସାକ୍ଷକୁ ଭିତ୍ତିକରି ଉପରୋକ୍ତ ରାୟ ଶୁଣାଇଛନ୍ତି।

# ପଞ୍ଚାମୁଣ୍ଡାଇ କେନାଲ ପାଣିରେ ଭାସୁଛି ତେଲ

**ବାଲିଚନ୍ଦ୍ରପୁର,୫।୧୦(ଗିରିଜା ପ୍ରସାଦ ସାହୁ):**



କଟକ ଜଗତପୁର-ପଞ୍ଚାମୁଣ୍ଡାଇ କେନାଲ ପାଣିରେ ଶନିବାର ଅପରାହ୍ନରେ ବହୁ ପରିମାଣରେ ପୁଳା ପୁଳା ହୋଇ ତେଲ ଭାସିଯାଉଥିବା ଦେଖାଯାଇଛି। କେନାଲର ବାଲିଚନ୍ଦ୍ରପୁର ଓ ଚାରିନଙ୍ଗଳ ବଜାରଠାରେ ପୋଲ ଉପରେ ସାଧାରଣ ଲୋକେ ଜମାହୋଇ ଏଦୃଶ୍ୟ ଦେଖିଥିଲେ। ପାଣିରେ ଭାସିଯାଉଥିବା ତେଲ କି ପ୍ରକାରର ତାହା ଜଣାପଡ଼ିନାହିଁ। କିନ୍ତୁ ତେଲକୁ ନେଇ ଲୋକେ ପ୍ରଭାବିତ ହେବେ ବୋଲି ସାଧାରଣରେ ଆଶଙ୍କା ସୃଷ୍ଟି ହୋଇଛି।

ଅପରାହ୍ନ ୪ଟାରୁ ରାତି ପର୍ଯ୍ୟନ୍ତ ତେଲ ପାଣିରେ ପ୍ରବାହିତ ହେଉଥିଲା। ଏ ତେଲ କେଉଁଠୁ ଆସିଲା, କିଏ କେନାଲ ପାଣିରେ ଫିଙ୍ଗିଲେ ତାହା ଜଣାପଡ଼ିନଥିବା ବେଳେ କଟକ ଜଗତପୁରଠାରେ ଅନେକ ଗୁଡ଼ିଏ ବେନାମି ତେଲ କମ୍ପାନୀ ଗଢିଉଠିଛି। ଉକ୍ତ କମ୍ପାନୀଗୁଡ଼ିକ ବିଭିନ୍ନ ବ୍ରାଣ୍ଡରେ ଅପମିଶ୍ରିତ ତେଲ ପ୍ରସ୍ତୁତ କରି ବଜାରରେ ଛାଡୁଛନ୍ତି। ମଝିରେମଝିରେ ପ୍ରଶାସନିକ ଚଢ଼ାଉ କରାଯାଇ ଜବତ କରାଯାଉଥିବା ସୂଚନା ରହିଛି। ତେବେ କୌଣସି ତୈଳ କମ୍ପାନୀ ନିଜର କଳାକାରନାମା ଲୁଚାଇବା ପାଇଁ ଜଗତପୁରଠାରେ ପଞ୍ଚାମୁଣ୍ଡାଇ କେନାଲ ପାଣିରେ ଏହାକୁ ଫିଙ୍ଗିଥିବା ଅନୁମାନ କରାଯାଉଛି। ଏ ନେଇ ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଶାରଦା ପ୍ରସନ୍ନ ସେଠୀଙ୍କୁ ପଚାରିବାରେ ତାଙ୍କ ପାଖରେ ସେମିତି କିଛି ଖବର ନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

# ରୁପା ଅଳଙ୍କାରରେ ସଜେଇହେବେ ତିଲଙ୍ଗର ମା' ଦୁର୍ଗା

**ଡେରାବିଶ,୫।୧୦(ବେବର୍ତ୍ତା ଅଜୟ ଦାସ):**

ଶାରଦୀୟ ଦୁର୍ଗାପୂଜା ଆଉ ଅଳ୍ପ ଦିନ ବାକି ଅଛି । ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଞ୍ଚଳରେ ସମସ୍ତ ପୂଜାମଣ୍ଡପ ଚଳଚଞ୍ଚଳ ହୋଇଛି । ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ପୂଜା କମିଟିର କର୍ମକର୍ତ୍ତାମାନେ ଏଥିପାଇଁ ଦିନରାତି ଏକ କରିଛନ୍ତି । ସବୁଠି ସାଜସଜ୍ଜା ଚାଲିଛି । ତୋରଣ ନିର୍ମାଣ ସହିତ ବିଭିନ୍ନ ରଙ୍ଗର ଆଲୋକମାଳାରେ ସେହି ଅଞ୍ଚଳ ଝଲସିବ ବୋଲି ସମସ୍ତ ବ୍ୟବସ୍ଥା ହୋଇଛି ।

ଏଥିପାଇଁ ଏହି ବ୍ଲକ ଅଧୀନ ନରସିଂହପୁର ପଞ୍ଚାୟତ ତିଲଙ୍ଗଠାରେ ଅନୁଷ୍ଠିତ ହେବାକୁ ଥିବା ମା'ଦୁର୍ଗାଙ୍କ ପୂଜା ପାଇଁ ମଧ୍ୟ ପ୍ରସ୍ତୁତି ଜୋରଦାର ହୋଇଛି । ବହୁ ପୁରାତନ ଏହି ପୂଜା ମଣ୍ଡପରେ ମୁଖ୍ୟ ଆକର୍ଷଣ ମା'ଙ୍କ ରୁପାବେଶ, ଅର୍ଥାତ୍ ମା'ଙ୍କ ପାଇଁ ରୁପାର ବିଭିନ୍ନ ଅଳଙ୍କାର ନିର୍ମାଣ ହୋଇଛି । ଚଳିତ ବର୍ଷ ପୂଜା ପାଇଁ ୯ ତାରିଖରୁ ମା'ଙ୍କ ପୀଠରେ ବିଲ୍ୱାଧିବାସ ଓ ତପଃ ଷଷ୍ଠୀ, ୧୦ ତାରିଖ ମହାସପ୍ତମୀ ପୂଜା, ୧୧ ତାରିଖ ମହାଷ୍ଟମୀ ଓ ସନ୍ଧିପୂଜା, ୧୨ ତାରିଖ ମହାନବମୀ ପୂଜା, ୧୩ ତାରିଖ ଦଶହରା ଓ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ । ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ପୂଜା କମିଟିର କର୍ମକର୍ତ୍ତା ତଥା ସ୍ଥାନୀୟ ସରପଞ୍ଚ ସୁଧୀର କୁମାର ଖଟୁଆ ସୂଚନା ଦେଇଛନ୍ତି । ବ୍ଲକ ଅଧୀନସ୍ଥ ଏଣ୍ଡର, ଛଚିଣା, ହଳଦିଆପାଟଣା, କୁଶିଆପାଳ, ଖରିଦାସାହି, ମୁକୁନ୍ଦପୁର, ସବଳଙ୍ଗ କଣିପଡ଼ାସ୍ଥ ଭୋଳହାଟ, ସାଥୀସମାଜ, ପଲେଇସ୍ଥିତ ନାଲୁବାବା ଆଶ୍ରମରେ ମା'ଙ୍କ ପୂଜା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।



ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ଚାଲିଛି ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ପ୍ରକାଶ



@ ସସ୍ମିତା



@ ସୁକାନ୍ତି



@ ଲକ୍ଷ୍ମୀଧର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କୋର୍ କମିଟି ଗଠନ, କାର୍ଯ୍ୟକୁ ନେଇ ଉଠିଲା ପ୍ରଶ୍ନ


ଜିଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ସଭାରେ ବାଚସ୍ପତି ସୁରମା ପାଢୀଙ୍କ ସହ ଅନ୍ୟମାନେ।

## ଜିଲାସ୍ତରୀୟ ୭୦ ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ

- ରାଜ୍ୟରେ ଚିହ୍ନଟ ୩ କଲରାପତରିଆ ବାଘ ମଧ୍ୟରୁ ନୟାଗଡ଼ରେ ଗୋଟିଏ
- ଖାଦ୍ୟାଭାବ ଯୋଗୁ ଗାଁ,ସହର ମୁହାଁ ହେଉଛନ୍ତି ହାତୀ
- ମାଙ୍କଡ ପଲକୁ ରାଜପଥରୁ ଫେରାଇବା ପାଇଁ ଲଗାଯାଉ ଫଳ ଗଛ
- ଶାଳ ଓ ଶାଗୁଆନ ଗଛ ଚୋରି ଯୋଗୁ ଉଜୁଡୁଛି ଘଞ୍ଚ ଜଙ୍ଗଲ
- ବେଆଇନ ଖଣି ଖନନ ଚିନ୍ତାର କାରଣ
- ବାଚସ୍ପତି କହିଲେ ନିଆଯାଉ ଦୃଢ଼ କାର୍ଯ୍ୟାନୁଷ୍ଠାନ

ନୟାଗଡ଼,୫।୧୦(ଲୋକନାଥ ମିଶ୍ର)

ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନରେ ନୟାଗଡ଼ ଜିଲାସ୍ତରୀୟ ୭୦ ତମ ବନ୍ୟପ୍ରାଣୀସପ୍ତାହପାଳିତହୋଇଯାଇଛି। ନୟାଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀ ଓ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଫାଲଗୁନି ସାରଥୀ ମଲିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ, ବାଚସ୍ପତି ତଥା ରଣପୁର ବିଧାୟକ ସୁରମା ପାଢ଼ୀ, ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଉପଜିଲାପାଳ କର୍ଣ୍ଣଦେବ ସମାଦାର, ଅତିରିକ୍ତ ଏସ୍‌ପି ସନାତନ କାଲୁ ପ୍ରମୁଖ ଉପସ୍ଥିତ ଥିଲେ।

ରାଜ୍ୟରେ ଚିହ୍ନଟ ହୋଇଥିବା ୩ କଳାବାଘ ମଧ୍ୟରୁ ନୟାଗଡ଼ ବନଖଣ୍ଡରେ ଗୋଟିଏ କଳାକଲରା ପତରିଆ ବାଘ ରହିଛି। ସେହିପରି ମହାବଳବାଘ ପ୍ରଥମେ ଗଞ୍ଜାମ, ପରେ ନୟାଗଡ଼ର ମହିପୁର, ଓଡ଼ଗାଁ ଦେଇ ଖୋର୍ଦ୍ଧା ଜିଲାର ଟାଙ୍ଗୀକୁ ଯାଇ ପୁଣି ନୟାଗଡ଼ ଦେଇ ଗଞ୍ଜାମ ଜିଲାରେ ପହଞ୍ଚିଛି। ମହାବଳ ବାଘଟି ମହାରାଷ୍ଟ୍ରରୁ ଆସିଥିବା ଜଣାପଡିଥିବା ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ସବ୍‌ଡିଭିଜନସ୍ତରରେ କୋର କମିଟି ଗଠନ ଓ ଏହାର କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠିଥିଲା। ଜିଲାରେ ଜିଲା ପରିଷଦ ଥିବାବେଳେ କୋର କମିଟିରେ ଭୂମିକା କ'ଣ ହେବ, ଏଥିରେ କେତେ ସଂଖ୍ୟକ ସଭ୍ୟ ରହିବେ, ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କ'ଣ, ଏହାର ଗାଇଡ୍‌ଲାଇନ କ'ଣ ଅଛି ସେନେଇ ଡିଏଫ୍‌ଓଙ୍କୁ ପ୍ରଶ୍ନ କରିଥିଲେ। ଡିଏଫ୍‌ଓ ଏନେଇ ଉତ୍ତର ରଖିଥିଲେ ମଧ୍ୟ ଏନେଇ ବହୁ ସମୟ ପର୍ଯ୍ୟନ୍ତ ଆଲୋଚନା ହୋଇଥିଲା। ଅନ୍ୟପକ୍ଷେ ବାଚସ୍ପତି କହିଥିଲେ ପ୍ରକୃତି ନୟାଗଡ଼ ଜିଲାକୁ ଅଣଦେଖା କରିନି। ଦଶପଲ୍ଲାର ଘଞ୍ଚ ଜଙ୍ଗଲ ସମସ୍ତଙ୍କୁ ଆକୃଷ୍ଟ କରେ। ରଣପୁର ରେଞ୍ଜ ଖୋର୍ଦ୍ଧା ବନଖଣ୍ଡରେ ରହିଥିଲେ ହେଁ ଏହାର ଜଙ୍ଗଲ ଆମକୁ ଖୁସି ଦେଉଛି। ଶାଳ, ଶାଗୁଆନ ପରି ମୂଲ୍ୟବାନ କାଠର ଚୋରା ଚାଲାଣ ଯୋଗୁ ଜିଲାରେ ଘଞ୍ଚ ଜଙ୍ଗଲ ହ୍ରାସ ପାଇ ଚାଲିଛି। ପୁଣି ବେଆଇନ ଖଣି ଖନନ ଚିନ୍ତାର କାରଣ କହି ଉଦ୍‌ବେଗ ପ୍ରକାଶ କରିଥିଲେ। ଏହା ମଧ୍ୟ ଆମ ସମ୍ପତ୍ତି। ଏଥିପାଇଁ ଆମେ ଆଉ ଚୁପ ରହିବାନି। ବନବିଭାଗ ଏଥିପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ। ସେହିପରି ନୟାଗଡ଼ରୁ ଦଶପଲ୍ଲା ଯିବା ବାଟରେ ଜାତୀୟ ରାଜପଥରେ ମାଙ୍କଡ ପଲ ଦେଖିବାକୁ ମିଳୁଛି। ଜଙ୍ଗଲରେ ଖାଦ୍ୟ ନ ଥିବାରୁ ରାସ୍ତା ଉପରେ ଖାଇବା ପାଇଁ ଅପେକ୍ଷା କରୁଛନ୍ତି। ଏଣୁ ବନ ବିଭାଗ ପକ୍ଷରୁ ଜଙ୍ଗଲ ଭିତରେ ଫଳନ୍ତି ଗଛ ଲଗାଯାଉ। ୩ ବର୍ଷ ଭିତରେ ଆଉ ମାଙ୍କଡମାନଙ୍କୁ ରାଜପଥରେ ଦେଖିବାକୁ ମିଳିବନି। ହାତୀର ବିଚରଣ ଗାଁ ଓ ସହରରେ ରହୁଛି। ହାତୀର ଶିକାର ଚାଲିଥିବାବେଳେ ହାତୀ ଓ ମଣିଷ ଲଢ଼େଇ ଚାଲିଛି। ଏଣୁ ବନ୍ୟଜନ୍ତୁ ଓ ମଣିଷ ମଧ୍ୟରେ ସମ୍ପର୍କ ବଢୁ। ଅଧିକ ପରିମାଣ ଗଛ ଲଗାଯାଉ ବୋଲି କହିଥିଲେ। ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀ କହିଥିଲେ ନୟାଗଡ଼ ବନଖଣ୍ଡରେ ୧୮୦ ଓ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡରେ ୨୨୦ କ୍ୟାମେରା ଜରିଆରେ ବନ୍ୟପ୍ରାଣୀଙ୍କ ଉପରେ ନଜର ରହିଛି। ଅନୁକମ୍ପା ଆପ୍ ଜରିଆରେ ବନ୍ୟପ୍ରାଣୀଙ୍କ କ୍ଷୟକ୍ଷତି ଜନିତ ସହାୟତା ପ୍ରଦାନ ହେଉଛି। ବନ୍ୟପ୍ରାଣୀଙ୍କ ଜଳ ସମସ୍ୟାକୁ ଏଡାଇବା ପାଇଁ ୨୦୦୪ରୁ ବିଭିନ୍ନ ଜଙ୍ଗଲରେ ୬୨ ପୋଖରୀ ଖନନ ହୋଇଛି। ପୁଣି ଗାଁରେ ଆଲୋକୀକରଣ ପାଇଁ ୮୧୦ ଟି ସୋଲାର ଲାଇଟ୍ ଲାଗିଛି।

### ପୋଖରୀରେ ପାଣି ରହୁନି, ଗାଁକୁ ଯିବାକୁ ରାସ୍ତା ନାହିଁ

ଜଙ୍ଗଲିଆ ଅଞ୍ଚଳରେ ବନବିଭାଗ ପକ୍ଷରୁ କରାଯାଉଥିବା କାର୍ଯ୍ୟକୁ ନେଇ ଜିଲା ପରିଷଦ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ବନବିଭାଗ ଡିପାର୍ଟ ମେଣ୍ଟାଲି କରୁଥିବା ରାସ୍ତାର କାମ ଭଲ ହେଉନି। ପୋଖରୀରେ ପାଣି ରହୁନି। ନୂଆ ଛାତରୁ ପାଣି ଗଳୁଛି।ଏଣୁ ବନବିଭାଗର କାର୍ଯ୍ୟ ଡିପାର୍ଟମେଣ୍ଟାଲି କରା ନ ଯାଉ। ଜିଲା ପରିଷଦ ସଭ୍ୟଙ୍କୁ ବନ ବିଭାଗର କାର୍ଯ୍ୟ କରିବାକୁ ଦିଆଯାଉ। ସେହିଭଳି ହାତୀମାରି ଗାଁକୁ ରାସ୍ତା ନାହିଁ। ଲୋକେ ବିଲ ଭିତରେ ପଶି ଯାତାୟତ କରୁଛନ୍ତି। ବନବିଭାଗ ରାସ୍ତା କରୁ ନାହିଁ। ଗାଁ ଅନ୍ଧାରରେ ରହିଛି। ସୋଲାର ଲାଇଟ୍ ଜଳୁନି। କେଉଁଠି ସୋଲାର ଲାଇଟ ମିଳିନି। ବନବିଭାଗର କାର୍ଯ୍ୟ ଉପରେ ସଭ୍ୟମାନେ ଅସନ୍ତୋଷ ବ୍ୟକ୍ତ କରି ଦୃଢ଼ ଯୁକ୍ତି ଉପସ୍ଥାପନ କରି ଏଥିପାଇଁ ସରକାରଙ୍କ ପାଖକୁ ପ୍ରସ୍ତାବ ଯାଉ ବୋଲି କହିଥିଲେ।

### ସଙ୍କଟରେ ପରିବେଶ

ସଙ୍କଟରେ ପରିବେଶ। ପରିବେଶ ବଦଳିବା ନେଇ କନ୍ଧମାଳ ଏମ୍‌ପି କହିଥିଲେ ଜୀବଜନ୍ତୁଙ୍କ ସୁରକ୍ଷା, ପରିବେଶ ସନ୍ତୁଳନ ଉପରେ ଗୁରୁତ୍ୱ ଦିଆଯାଉ।। ସୃଷ୍ଟିର ସନ୍ତୁଳନ ପାଇଁ ଜୀବଜଗତ ମଧ୍ୟ ସମନ୍ୱୟ ଦରକାର। ନୟାଗଡ଼ ବିଧାୟକ କହିଲେ, ଜିଲାରେ ୩ ହଜାର ୯ ଶହ ସ୍କୋୟାର କିମି ମଧ୍ୟରୁ ୨ ହଜାର ୯୮ ସ୍କୋୟାର କିମି ଜଙ୍ଗଲ ରହିଛି। ତେବେ ମନୁଷ୍ୟ ନିଜର ସୁଖ, ଆରାମ ପାଇଁ ଜଙ୍ଗଲ ନଷ୍ଟ କରିଚାଲିଛି। ଜଏଣ୍ଟ ଫରେଷ୍ଟ ମ୍ୟାନେଜମେଣ୍ଟ ନୟାଗଡ଼ ଜିଲାରୁ ଆରମ୍ଭ ହୋଇଛି। ଦଶପଲ୍ଲା ବିଧାୟକ କହିଥିଲେ, ଜମି ହ୍ରାସ ପାଉଛି। କଂକ୍ରିଟ ଜଙ୍ଗଲ ବଢ଼ୁଛି। ବର୍ଷକୁ ୧୦ମାସ ଖରା ହେଉଛି। ଜଳସ୍ତର କମି କମି ଯାଉଛି। କୂଅ ଖୋଳିଲେ ଏଥର ପାଣି ପଡି ନ ପାରେ। ପରିବେଶ ସନ୍ତୁଳନ ରହିଲେ ଜୈବ ବିବଧତା ରହିବ। ଜିଲାକୁ ପ୍ଲାଷ୍ଟିକ ମୁକ୍ତ କରାଯାଉ। ସେହିପରି ବରକନ୍ୟା ଝରଣା ପ୍ରକୃତିର ଅବଦାନ। ଏହାର କାମ ତ୍ୱରାନ୍ୱିତ କରିବାକୁ ଜିଲା ପରିଷଦ ସଭ୍ୟ ବିରାଜା ସାହୁ କହିଥିଲେ।

କୌଣସି ବିଭାଗ ପକ୍ଷରୁ ଜଙ୍ଗଲିଆ ଅଞ୍ଚଳର ଗାଁ ପାଇଁ କଂକ୍ରିଟ ରାସ୍ତା କରାଗଲେ ବନବିଭାଗ ସହାୟତା କରିବ ବୋଲି କହିଛନ୍ତି। ଏହି ଅବସରରେ ବନ୍ୟଜୀବଜନ୍ତୁ ଉପରେ ଏକ ପୁସ୍ତକ ଉନ୍ମୋଚନ ହୋଇଛି।

### ରଣପୁର ରେଞ୍ଜ ନୟାଗଡ଼ ବନଖଣ୍ଡରେ ରହୁ

ରଣପୁର ରେଞ୍ଜ ନୟାଗଡ଼ ଜିଲାର ହୋଇଥିଲେ ହେଁ ଖୋର୍ଦ୍ଧା ବନଖଣ୍ଡରେ ରହିଛି। ରଣପୁର ରେଞ୍ଜ ଉପରେ ନୟାଗଡ଼ ପ୍ରଶାସନର ଅଙ୍କୁଶ ଠିକରେ ରହୁନି। ଗୋଟିଏ ଅଞ୍ଚଳ ପାଇଁ ଦୁଇ ଜିଲାର ପ୍ରଶାସନ କାର୍ଯ୍ୟ ଯୋଗୁ ବିକାଶ ଆଗେଇ ପାରୁନି। ଏଣୁ ରଣପୁର ରେଞ୍ଜକୁ ଖୋର୍ଦ୍ଧାରୁ ବାଦ୍ ଦେଇ ନୟାଗଡ଼ ବନଖଣ୍ଡକୁ ଆଣିବାକୁ ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ ଯୁକ୍ତି ଉପସ୍ଥାପନ କରିଥିଲେ। ପୂର୍ବରୁ ଜିଲା ପରିଷଦ ବୈଠକରେ ମଧ୍ୟ ଏଭଳି ପ୍ରସ୍ତାବ ଗୃହିତ ହୋଇଛି।

### ଫସଲ ନଷ୍ଟ ପରେ ମିଳୁନି ସହଯୋଗ

ହାତୀ ପରି ବନ୍ୟ ପ୍ରାଣୀଙ୍କ ଦ୍ୱାରା ଫସଲ ନଷ୍ଟ ପରେ ବନବିଭାଗ ପକ୍ଷରୁ ଚାଷୀଙ୍କୁ ସହଯୋଗ ମିଳୁ ନ ଥିବା ଅଭିଯୋଗ ହୋଇଛି। ଓଡ଼ଗାଁ ରେଞ୍ଜର ଓସ୍ତିଆ, ପୋଡାସାହି, ପଞ୍ଚରିଡା ରେଞ୍ଜର ଗୋଛା, ଶିମିଳି, ଜାକେଡା, କେଶପାନିଆ ପରି ଜିଲାର ବିଭିନ୍ନ ଅଞ୍ଚଳରେ ହାତୀ ଫସଲ ନଷ୍ଟ କରୁଛି। ଚାଷୀ ସହାୟତା ରାଶି ପାଉ ନାହାନ୍ତି। ସେହିଭଳି ହାତୀ ବିଭିନ୍ନ ଗାଁ ଭିତରେ ପଶୁଛି। ହାତୀ ଗାଁ ଭିତରକୁ ନ ଆସିବା ପାଇଁ ତାର ବାଡ କରାଯିବା ଦରକାର। ହେଲେ ଲୋକଙ୍କୁ ୧୦ ପ୍ରତିଶତ ଅର୍ଥ ଦେବାକୁ କୁହାଯାଉଥିବାରୁ ଏହା ସମ୍ଭବ ହୋଇ ପାରୁ ନାହିଁ ବୋଲି ଜିଲା ପରିଷଦ ସଭ୍ୟ ବସନ୍ତ ପ୍ରଧାନ, ହରିଚନ୍ଦ୍ର ଜାନି, ନରେଶ ବେହେରା ଓ ସଂଯୁକ୍ତା ପଢ଼ିହାରୀ ଗୃହରେ ଉପସ୍ଥାପନ କରିଥିଲେ।

# ପିଏମ୍ କିଷାନର କିସ୍ତି ପ୍ରଦାନ

ନୟାଗଡ଼,୫।୧୦(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାର ପାଣିପୋଇଲାସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରଠାରେ ପିଏମ୍ କିଷାନ ଯୋଜନାର ୧୮ତମ କିସ୍ତି ପ୍ରଦାନ କରାଯାଇଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହାରାଷ୍ଟ୍ରର ୱାସିମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇ ପିଏମ୍ କିଷାନ ଯୋଜନାର ୧୮ତମ କିସ୍ତିକୁ ଆକାଉଣ୍ଟକୁ ପଠାଇଛନ୍ତି। ପାଣିପୋଇଲାସ୍ଥିତ କାର୍ଯ୍ୟକ୍ରମରେ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବାବେଳେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ସଭାପତିତ୍ୱ କରିଥିଲେ। ସର୍ବଭାରତୀୟସ୍ତରରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା।

# ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ

ନୂଆଗାଁ,୫।୧୦ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁଠାରେ ଥିବା ବିଦ୍ୟୁତ କଣ୍ଟ୍ରୋଲ କାର୍ଯ୍ୟାଳୟରେ ଶନିବାର ସନ୍ଧ୍ୟାରେ ବିଭିନ୍ନ ଗ୍ରାମର ଶତାଧିକ ଲୋକ ଘେରାଉ କରିବା ସହ ତାଲା ପକାଇ ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବାରେ ଲୋକମାନେ ତାଲା ଖୋଲିଥିଲେ।

ମିଳିଥିବା ସୂଚନା ମୁତାବକ ମାଇଛେଳି ପଞ୍ଚାୟତ କୋଷାକଟା , କାଣିଗିରି ସମ୍ପଡା , ଗୋହିରିବାଦୁ ଆଦି ଗ୍ରାମରେ କିଛି ଦିନ ହେଲା ସନ୍ଧ୍ୟା ହେଲେ ବିଦ୍ୟୁତ ସରବରାହ ବନ୍ଦ ହୋଇ ଯାଉଥିଲା ଏବଂ ସକାଳୁ ଆସୁଥିଲା। ଏପରି ସମସ୍ୟା ହେଉଥିବା ନେଇ ଲୋକମାନେ ଅଭିଯୋଗ କରି ଆସୁଥିଲେ ମଧ୍ୟ ବିଦ୍ୟୁତ ବିଭାଗ କର୍ମଚାରୀମାନେ ସମସ୍ୟାକୁ ସମାଧାନ କରୁ ନ ଥିଲେ। ଯାହା ଫଳରେ ରାତିରେ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏଥିରେ ଅତିଷ୍ଠ ହୋଇ ଶତାଧିକ ଲୋକ ନୂଆଗାଁସ୍ଥିତ ବିଦ୍ୟୁତ୍ କଣ୍ଟ୍ରୋଲ କାର୍ଯ୍ୟାଳୟରେ ପହଞ୍ଚି ସମସ୍ୟା ସୁଧାରିବାକୁ କହିଥିଲେ। ଅଭିଯୋଗରୁ ଧିରେ ଧିରେ ବିଦ୍ୟୁତ କର୍ମଚାରୀଙ୍କୁ ପାଟି ତୁଣ୍ଡ କରିବା ଆରମ୍ଭ ହୋଇଥିଲା। ଉତ୍ତ୍ୟକ୍ତ ଲୋକେ ବିଦ୍ୟୁତ କଣ୍ଟ୍ରୋଲ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ବିଦ୍ୟୁତ ସରବରାହ ସମସ୍ୟାର ସ୍ଥାୟୀ ସମାଧାନ ନ ହେଲେ ଲୋକମାନେ ତାଲା ଖୋଲିବେ ନାହିଁ ବୋଲି ଜିଦ୍ ଧରିଥିଲେ। ଏପରିକି କିଛି ସମୟ ଧରି କର୍ମଚାରୀମାନଙ୍କୁ ଅଟକ ରଖିଥିଲେ। ଖବର ପାଇ ନୂଆଗାଁ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ସହ ବିଦ୍ୟୁତ୍ ସମସ୍ୟା ଦୂର କରିବାକୁ ବିଦ୍ୟୁତ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟୁତ ବିଭାଗ କର୍ମଚାରୀଙ୍କ କହିବା ମୁତାବକ କେତେଜଣ ଅସାମାଜିକ ବ୍ୟକ୍ତି ରାତିରେ ବିଦ୍ୟୁତର ଅପବ୍ୟବହାର କରୁଥିବାରୁ ବିଦ୍ୟୁତ ସରବରାହରେ ସମସ୍ୟା ହେଉଛି। ବିଦ୍ୟୁତ ଅପବ୍ୟବହାରକୁ ରୋକିବା ପାଇଁ ବିଦ୍ୟୁତ ବିଭାଗକୁ ପୋଲିସ ସହଯୋଗ କରିବ ବୋଲି ନୂଆଗାଁ ଥାନା ଅଧିକାରୀ ଶରତ ଚନ୍ଦ୍ର ସେଠୀ କହିଥିଲେ।


ବିଦ୍ୟୁତ୍ କଣ୍ଟ୍ରୋଲ କାର୍ଯ୍ୟାଳୟ ଘେରାଉ କରିଥିବା ଲୋକମାନଙ୍କୁ ପୋଲିସ ବୁଝାଶୁଝା କରୁଛି।

# ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି

## ଛାତ୍ରୀଛାତ୍ରଙ୍କ ନୃତ୍ୟରେ ବିଚାରକମଣ୍ଡଳୀ,ଅତିଥି ଖୁସି

ନୂଆଗାଁ,୫।୧୦ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଶନିବାର ନୂଆଗାଁ ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଶିଶୁମାନଙ୍କ ମଧ୍ୟରେ ଲୁକ୍କାୟିତ ଥିବା ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ସହ ଶିଶୁମାନଙ୍କୁ ଉତ୍ସାହିତ କରିବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ପ୍ରୟାସ କରାଯାଉଛି। ସେହିକ୍ରମରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ପ୍ରତିଯୋଗିତା କରି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉଛି।

ପ୍ରଥମେ ସମସ୍ତ ସ୍କୁଲରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ କରାଯାଇ ସେଥିରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନେ କ୍ଲଷ୍ଟରସ୍ତରୀୟ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରନ୍ତି। ସେଥିରେ କୃତୀତ୍ୱ ହାସଲ କରୁଥିବା ପ୍ରତିଯୋଗୀ ମଣ୍ଡଳସ୍ତରୀୟ ଓ ପରେ ଜିଲାସ୍ତରକୁ ମନୋନୀତ ହୋଇଥାଆନ୍ତି। ସେହିକ୍ରମରେ ନୂଆଗାଁ ବ୍ଲକର ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶିଶୁମାନଙ୍କ ମଧ୍ୟରେ ଚିତ୍ରାଙ୍କନ , ଦୌଡ , ହସ୍ତାକ୍ଷର ଲିଖନ , ଗୀତ , ନାଚ ଭଳି ୨୮ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମଣ୍ଡଳସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ କୃତୀତ୍ୱ ଲାଭ କରିଥିବା ଛାତୀଛାତ୍ରମାନେ ଜିଲାସ୍ତରରେ ସୁରଭି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ।

ଏହି କାର୍ଯ୍ୟକ୍ରମର ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ନୂଆଗାଁ ବ୍ଲକ ଚେୟାରମ୍ୟାନ ଲକ୍ଷ୍ମୀପ୍ରିୟା ବେହେରା , ଜିଲା ପରିଷଦ ସଭ୍ୟା , ନୂଆଗାଁ ସରପଞ୍ଚ, ସମିତି ସଭ୍ୟା , ନୂଆଗାଁ ବ୍ଲକ ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ସାହୁ , ନୂଆଗାଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ଭୀମସେନ ଦାସ , ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ କବିତା ମଞ୍ଜରୀ ଦାସ , ଏବିଇଓ ଜ୍ୟୋତ୍ସ୍ନାରାଣୀ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଉଦଯାପନୀ ଉତ୍ସବରେ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିଶୁମାନଙ୍କ ଦ୍ୱାରା ପରିବେଷିତ ନୃତ୍ୟକୁ ଦେଖି ଅତ୍ୟନ୍ତ ଖୁସି ହେବା ସହ ଶିଶୁ ନୃତ୍ୟ କଳାକାରମାନଙ୍କ ସହିତ ଫଟୋ ଉଠାଇ ଥିଲେ। ସମ୍ମାନୀତ ଅତିଥି ଭାବେ ସିନେ ଅଭିନେତା ଓମ୍‌କାର ଶିଶୁମାନଙ୍କ ନୃତ୍ୟ ପ୍ରତିଭାକୁ ଦେଖି ଖୁସି ବ୍ୟକ୍ତ କରି ଶିଶୁମାନଙ୍କ ନୃତ୍ୟ ପେଶାଦାର ନୃତ୍ୟ ଶିଳ୍ପୀମାନଙ୍କ ନୃତ୍ୟଠାରୁ କୌଣସି ଗୁଣରେ କମ୍ ନ ଥିଲା। ତେଣୁ କୌଣସି କାର୍ଯ୍ୟକ୍ରମ ହେଲେ ବାହାର କଳାକାର ନ ଆଣି ଆମେ ସ୍ଥାନୀୟ କଳାକାରମାନଙ୍କୁ ନେଇ କାର୍ଯ୍ୟକ୍ରମ କରି ନିଜ ଅଞ୍ଚଳର ଲୁକ୍କାୟିତ ଶିଶୁ କଳାକୁ ବିକଶିତ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ସେହିପରି ଦଶପଲ୍ଲାର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ , ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁଙ୍କ ସମେତ ଅନ୍ୟମାନେ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ।



କୃତିତ୍ୱ ହାସଲ କରିଥିବା ଛାତ୍ରୀଙ୍କୁ ଏମ୍‌ପି ସମ୍ବର୍ଦ୍ଧିତ କରୁଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ପ୍ରକାଶ


@ ସସ୍ମିତା


@ ସୁକାନ୍ତି


@ ଲକ୍ଷ୍ମୀଧର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଡେଙ୍ଗେରାଗୋଡ଼ି ମନ୍ଦିରରୁ ଚୋରି

ନୟାଗଡ଼, ୪।୧୦ (ଲୋକନାଥ ମିଶ୍ର)

ଇଟାମାଟି ଥାନା ଡେଙ୍ଗେରାଗୋଡି ଚଣାଖାଇ ମନ୍ଦିରରୁ ଶନିବାର ରାତିରେ ଚୋରି ହୋଇଛି। ଚୋରମାନେ ୧୦ ଗ୍ରାମ ରୁପା ଅଳଙ୍କାର ଓ ଠାକୁରାଣୀଙ୍କ ହୁଣ୍ଡିକୁ ଚୋରାଇ ନେଇଛନ୍ତି। ଏନେଇ ଗାଁ ସଭାପତିଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୨୧୭/୨୪)ରୁଜୁ କରି ତଦନ୍ତ କରୁଛି।

# ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ରଣପୁର ଆଞ୍ଚଳିକ କମିଟି ସମ୍ମିଳନୀ

ରଣପୁର,୫।୧୦(ସୁକାନ୍ତ କିଶୋର ଡାକୁଆ)

ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ରଣପୁର ଆଞ୍ଚଳିକ କମିଟି ସମ୍ମିଳନୀ ଶନିବାର ଅଧ୍ୟୁଷିତ ଆଦିବାସୀ ଅଞ୍ଚଳ ପଟିଆ ପଞ୍ଚାୟତର କଦମଝୋଲାଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀକୁଉଦଘାଟନ କରି ଜିଲାର ବରିଷ୍ଠ ନେତା ବିଶ୍ୱନାଥ ମହାପାତ୍ର କହିଲେ ବିଶ୍ୱ ସାମ୍ରାଜ୍ୟବାଦୀ ନିଜ ସ୍ୱାର୍ଥ ପାଇଁ ବିଭିନ୍ନ ଦେଶ ଉପରେ ଆକ୍ରମଣ ଜାରି ରଖିଛିନ୍ତି। ଆମେରିକା ସହଯୋଗରେ ଇସ୍ରାଏଲ ପାଲେଷ୍ଟାଇନ ଗାଜା ଉପରେ ବାରମ୍ବାର ଆକ୍ରମଣ କରି ନୀରିହ ଲୋକଙ୍କୁ ହତ୍ୟା କରୁଛି। ଏହା ବିରୋଧରେ ଜନସାଧାରଣ ସ୍ୱର ଉତ୍ତୋଳନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସେହିଭଳି ଆମ ଦେଶରେ ମୋଦି ସରକାର ତାର ତୃତୀୟ ପାଳି ସହିତ ଆମ ରାଜ୍ୟରେ ଭାଜପା ସରକାର ଆରମ୍ଭ ହୋଇଛି। ଏହି ସରକାର ନିଜ ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିବା ଦରକାର। ନଚେତ୍ ଆନ୍ଦୋଳନ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ। ଆଞ୍ଚଳିକ କମିଟି ସମ୍ପାଦକ ନିତ୍ୟାନନ୍ଦ ପରିଡ଼ା ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ।ଏହା ଉପରେ ୯ଜଣ ସାଥୀ ଆଲୋଚନା କଲାପରେ ଆଗାମୀ ଦିନରେ ଜନସାଧାରଣଙ୍କ ସମସ୍ୟା ଉପରେ ଗଣ ଆନ୍ଦୋଳନ ଗଢ଼ି ତୋଳିବାକୁ ଆହ୍ୱାନ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁରେଶ ସ୍ୱାଇଁ, ଦୁଃଶାସନ ଜେନା, ଗଦାଧର ପ୍ରଧାନ, ଶୁଶିଲ ମହାନ୍ତି, ରଜତ ଜେନା, ବିଜୟ କୁମାର ଜେନା, ମହେନ୍ଦ୍ର କୁମାର ସାହୁ, ବିନୋଦ ନାୟକ ଓ ଯୋଗୀନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଆଗାମୀ ୩ ବର୍ଷ ପାଇଁ ନିତ୍ୟାନନ୍ଦ ପରିଡ଼ା ସମ୍ପାଦକ ଏକ ୯ ଜଣିଆ ଆଞ୍ଚଳିକ କମିଟି ଗଠନ କରାଯାଇଛି। ଆଗାମୀ ଜିଲା ସମ୍ମିଳନୀ ନଭେମ୍ବର ୧୭,୧୮ ରଣପୁରଠାରେ ଅନୁଷ୍ଠିତ ହେବ ବୋଲି ଦଳ ପକ୍ଷରୁ ଘୋଷଣା କରାଯାଇଛି।

